# ଚାଲିଛି ୨୦ରୁ ଊର୍ଦ୍ଧ୍ୱ ବେଆଇନ ଖାଦାନ

**ଯାଜପୁର ଅଫିସ/କବାଟବନ୍ଧ (ଡି.ଏନ.ଏ.), ୭।୬**

## କଳାପଥର ଲୁଟ୍‌କୁ ରୋକିପାରୁନି ପ୍ରଶାସନ



ଲଘୁ ଖଣିଜ ସମ୍ପଦରେ ଭରପୁର ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ରାଜ୍ୟ ସରକାରଙ୍କ ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ସମୟାନୁବର୍ତ୍ତିତା, ସମ୍ମିଳିତ ଉଦ୍ୟମ ଓ ପରିବର୍ତ୍ତନ ଭଳି ୫-ଟି ଆଇନ କାମ କରୁନାହିଁ । ଏଥିପାଇଁ ଡଙ୍କାରୀ, ଲୁଣିବର, କୁସୁନପୁର, ବାଘୁଆ, ରାହାଡପୁର, ଚାରଗୋଠ ଆଦି ପାହାଡ଼ରେ ୨୦ରୁ ଊର୍ଦ୍ଧ୍ୱ ସଇରାତରୁ ବେଆଇନ କଳାପଥର ଉତ୍ତୋଳନ ହେଉଛି। ଫଳରେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି । ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏଥିରେ ମାଲାମାଲ ହେଉଥିବା ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ , ବିଛାଖଣ୍ଡି, ଅଞ୍ଜିରା ଓ କୁସୁନପୁର ଜଙ୍ଗଲ କିସମ ମୌଜାର ୪୫୬.୩୪ ଏକର ଜମି କଳାପଥର ବ୍ୟବସାୟୀଙ୍କ କବ୍‌ଜାରେ ରହିଛି । ପୂର୍ବରୁ ବଳଙ୍ଗ ରାଜସ୍ୱ ନୀରିକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଏହା ସ୍ପଷ୍ଟ ହୋଇଛି। ଏହି ମର୍ମରେ ପରିବେଶ ଅସନ୍ତୁଳନ ଓ ଜଙ୍ଗଲ ନଷ୍ଟ ସଂକ୍ରାନ୍ତରେ ଧର୍ମଶାଳାର ତତ୍କାଳୀନ ତହସିଲଦାର ସରୋଜ କୁମାର ପଣ୍ଡା ତାଙ୍କ ପତ୍ରସଂଖ୍ୟା ୯୮୯/୨୮।୩।୨୦୧୯ ଓ ୪୬୧/୭।୨।୨୦୧୯ରେ କଟକ ଡିଭିଜନ ଡିଏଫ୍‌ଓଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ହସ୍ତକ୍ଷେପରେ କଳାପଥର ବ୍ୟବସାୟୀଙ୍କ ସହ ମୂଳଚାଳ କରି ସମ୍ପୃକ୍ତ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଜଙ୍ଗଲ ଜମିକୁ ଟେକି ଦେଇଥିବାରୁ ବିଭିନ୍ନ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ପଶୁପକ୍ଷୀ ଆଦି ବିପଦରେ ପଡିଛନ୍ତି ବୋଲି ଅଭିଯୋଗ ହେଉଛି। ଏହାପୂର୍ବରୁ ବଳରାମପୁର ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ବିଛାଖଣ୍ଡି ଜଙ୍ଗଲ କିସମ ମୌଜାର ଖାତା ନମ୍ବର ୩୮୯ରେ ପ୍ଲଟ ନଂ.୧୮୪୮, ୧୮୫୬, ୧୮୬୧, ୧୮୭୬, ୧୮୭୨ ଓ ୧୮୭୧, ଅଞ୍ଜିରା ଜଙ୍ଗଲ କିସମ ମୌଜାର ଖାତା ନଂ. ୧୭୨୯ ପ୍ଲଟ ନଂ. ୧୪୭୭ ଏବଂ କୁସୁନପୁର ସଂରକ୍ଷିତ ଜଙ୍ଗଲ କିସମ ମୌଜାର ଖାତା ନଂ. ୬୩୧ ର ପ୍ଲଟ ନଂ. ୧୩୫୮, ୧୩୬୬, ୧୫୨୭ ଓ ୧୫୫୬ ର ୪୫୬.୩୪ ଏକର ଜମିରେ ବେଆଇନ କଳାପଥର ଉତ୍ତୋଳନ ଏବେ ବି ଜାରି ରହିଛି। ଏହାବାଦ୍ ବେଆଇନ ଖାଦାନ ସହ ଏକାଧିକ କ୍ରସର ମଧ୍ୟ ଜଙ୍ଗଲ ଜମିରେ ଚାଲିଛି । ଏହାବାଦ୍ ଡଙ୍କାରୀ ପାହାଡ଼ର ୧ ସଇରାତ, ଲୁଣିବର ପାହାଡ଼ରେ ୩, ବାଘୁଆ ପାହାଡ଼ରେ ୨, ରାହାଡ଼ପୁର ପାହାଡ଼ରେ ୪ ଓ ଚାରଗୋଠ ପାହାଡ଼ରେ ୩ ଟି ଖାଦାନରେ ବେଆଇନ ଭାବେ ପଥର ଉତ୍ତୋଳନ ହେଉଥିବା ଅଞ୍ଚଳବାସୀଙ୍କ ସୂଚନା ଦେଇଛନ୍ତି। ଏନେଇ ଅଞ୍ଚଳବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ବେଆଇନ ଖାଦାନ ମାଲିକଙ୍କ ସହ ଭିତିରିଆ ବୁଝାମଣା ଯୋଗୁ ଏହି ପରିସ୍ଥିତି ହୋଇଛି ବୋଲି ଅଭିଯୋଗ ହେଉଛି।

## ୨ ଯୌତୁକ ନିର୍ଯାତନା ମାମଲାରେ ୩ ଗିରଫ

**ପାଣିକୋଇଲି,୭।୬(ଡି.ଏନ.ଏ.)**

୨ଟି ଯୌତକ ନିର୍ଯାତନା ମାମଲାର ତଦନ୍ତ କରି ପାଣିକୋଇଲି ଥାନା ପୋଲିସ ୩ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ଶଗଡ଼ି ଗ୍ରାମର ବଡୁଲାନ ବିବିଙ୍କ ଅଭିଯୋଗ ମୁତାବକ, ୧୩ ବର୍ଷ ତଳେ ତାଙ୍କ ବିବାହ ଯାଜପୁର ସଦର ଥାନା ଅନ୍ତର୍ଗତ ଆଦମପୁର ଗ୍ରାମର ସେକ୍ ଅବଦୁଲ ହକିମ୍‌ଙ୍କ ସହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ ଏବେ ୩ ବର୍ଷ ହେବ ୫ ଲକ୍ଷ ଟଙ୍କା ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦିଆଯାଉଛି। ଏପରି କି ତାଙ୍କ ସ୍ୱାମୀ ୫ ଲକ୍ଷଟଙ୍କା ବାପଘରୁ ନ ଆଣିଲେ କିରୋସିନ ଢାଳି ଜୀବନରୁ ମାରିଦେବାକୁ ଧମକ ଦେବା ସହ ଦ୍ୱିତୀୟ ବିବାହ କରିବାକୁ କହୁଛନ୍ତି। ଏଥିସହିତ ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ ତାଙ୍କୁ ମାରପିଟ କରୁଛନ୍ତି। ତେଣୁ ସେ ନିର୍ଯାତନା ସହି ନ ପାରି ବାପଘରକୁ ପଳାଇ ଆସି ଥାନାରେ ମେ' ୧୮ରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ନଂ.୧୦୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ ତାଙ୍କ ସ୍ୱାମୀ ସେକ୍ ଅବଦୁଲ ହାକିମଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

ସେହିପରି ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅଧୀନ ଖମଣ ପଞ୍ଚାୟତ ଠାକୁରପାଟଣା ଗ୍ରାମର ସତ୍ୟରଞ୍ଜନ ପୃଷ୍ଟିଙ୍କ ସ୍ତ୍ରୀ ରଶ୍ମିତାଙ୍କ ଅଭିଯୋଗକ୍ରମେ ତାଙ୍କ ଦୁଇ ନଣନ୍ଦେଇଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚିତ୍ତରଞ୍ଜନ ସାହୁ ଓ ସୂର୍ଯ୍ୟାନନ୍ଦ ପାତ୍ର। ରଶ୍ମିତାଙ୍କ ଅଭିଯୋଗ ମୁତାବକ, ପୂର୍ବରୁ ୫ ଲକ୍ଷ ଟଙ୍କା ଯୌତୁକ ଦାବିରେ ତାଙ୍କୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଗତ ୬ ତାରିଖରେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ସେ ନଳକୂପ ପାଖରେ ବାସନ ମାଜୁଥିବା ବେଳେ ତାଙ୍କ ନଣନ୍ଦ ଓ ନଣନ୍ଦେଇ ପହଞ୍ଚି ହଠାତ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ଶାଶୁ ସାବିତ୍ରୀ ଓ ଦିଅର ଅଜୟ ମଧ୍ୟ ସାମିଲ ହୋଇଥିଲେ। ତାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିବା ସହ ତାଙ୍କର ସମସ୍ତ ସୁନା ଲୁଟି ନେଇଥିଲେ। ଏପରି କି ଯୌତୁକ ନ ଆଣିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। କୌଶଳକ୍ରମେ ରଶ୍ମିତା ସେଠାରୁ ଖସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ନଂ.୧୨୫/୨୨ ରୁଜୁ କରି ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ଦୋକାନରୁ ଲୁଟ୍ ବେଳେ ଧରାପଡ଼ିଲେ ୨ ଯୁବକ

**ପାଣିକୋଇଲି,୭।୬(ଡି.ଏନ.ଏ.):** ପାଣିକୋଇଲି ବଜାରରେ ମଙ୍ଗଳବାର ମଧ୍ୟାହ୍ନରେ ୨ ଯୁବକ ଏକ ଦୋକାନରୁ ଟଙ୍କା ଲୁଟ୍ କରୁଥିବାବେଳେ ଧରା ପଡ଼ିଛନ୍ତି। ଲୋକେ ସେମାନଙ୍କୁ କାବୁ କରିବା ସହ ଉତ୍ତମ ମଧ୍ୟମ ଦେବା ପରେ ପୋଲିସ ଜିମା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ମଧ୍ୟାହ୍ନରେ ଖରା ଯୋଗୁ ବଜାର ପ୍ରାୟ ଶୁନଶାନ ଥିଲା। ପାଣିକୋଇଲି ଓଡିନ୍ଦା ରୋଡ୍‌ର ବାସୁଦେବ ଓମ୍‌ଫେଡ୍ ପାର୍ଲର ମାଲିକ ବିପିନ ବିହାରୀ ପୁରୀ ତାଙ୍କ ପୁଅଙ୍କୁ ଦୋକାନରେ ବସାଇଥିଲେ। ଏହି ସମୟରେ ଯାଜପୁରରୋଡ ସାପଗଡ଼ିଆ ଅଞ୍ଚଳର ୩ ଯୁବକ ସେଠାରେ ପହଞ୍ଚି ମିଠା ଦହି ମାଗିଥିଲେ। ବିପିନଙ୍କ ପୁଅ ମିଠା ଦହି ନ ଥିବା କହିବାରୁ ତାଙ୍କୁ ଶହେ ଟଙ୍କା ଖୁଚୁରା ମାଗିଥିଲେ। ତେବେ ସେ ମନା କରିବାରୁ ଅଭିଯୁକ୍ତମାନେ ଦୋକାନ ଡ୍ର ଟାଣି ଟଙ୍କା ଲୁଟ୍ କରିଥିଲେ। ତେବେ ସମ୍ପୃକ୍ତ ଯୁବକମାନେ ଅନ୍ୟ ଏକ ଦୋକାନରେ ଏଭଳି କରିଥିବା ସୂଚନା ପାଇବାରୁ ବଜାରବାସୀ ଆସି ୨ଜଣଙ୍କୁ କାବୁ କରିଥିଲେ। ଅନ୍ୟ ଜଣେ ଫେରାର ହୋଇ ଯାଇଥିଲେ।

### ଦୁର୍ଘଟଣାରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ମୃତ୍ୟୁ

**ଧର୍ମଶାଳା,୭।୬(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ନେଉଳପୁର ନିକଟରେ ମଙ୍ଗଳବାର ଅଜଣା ଗାଡ଼ି ଧକ୍କାରେ ଜାରକା ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଦୁର୍ଗାପ୍ରସାଦ ରଥ(୨୫)। ସେ ଜାରକା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ କଷ୍ଟମର କେୟାର ଅଫିସରେ କାର୍ଯ୍ୟ କରୁଥିଲେ। ତେବେ ନେଉଳପୁରସ୍ଥିତ ତାଙ୍କ ଭଡ଼ା ଘରୁ ଅପରାହ୍ନ ପ୍ରାୟ ୨ଟା ସମୟରେ ଏକ ବାଇକ ଯୋଗେ ଡିୟୁଟିକୁ ଆସୁଥିବା ବେଳେ ନେଉଳପୁରଠାରେ ତାଙ୍କୁ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଗାପ୍ରସାଦ ଜାରକା ଉପଖଣ୍ଡ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀଙ୍କ ଶାଳକ ବୋଲି ଜଣାପଡିଛି। ତାଙ୍କ ମୃତ୍ୟୁରେ ଜାରକା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ପୋଲିସ ନଂ.୩୩୩/୨୨ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶଯେ, ୩ ମାସ ତଳେ ଜାରକା ଉପଖଣ୍ଡ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା।

### ନବଘନ ବିଦ୍ୟାଳୟରେ କ୍ଷୁଦ୍ର ଚଳଚ୍ଚିତ୍ର ଅଂଶୁଘାତ ଉନ୍ମୋଚିତ

**ସିଂହପୁର,୭।୬(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ନବଘନ ମହନ୍ତ ମାୟାଧର ସରକାରୀ ଉପ୍ରା ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ଅଂଶୁଘାତ ଉନ୍ମୋଚିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରତାପ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ମୁଖ୍ୟବକ୍ତା ବିଶିଷ୍ଟ କ୍ରୀଡ଼ାବିତ ଶମ୍ଭୁନାଥ ଦାସ, ସମ୍ମାନିତ ଅତିଥି ବିଞ୍ଝାରପୁର ଗୋଷ୍ଠୀ କେନ୍ଦ୍ରର ସଂଯୋଜକ ବିନୋଦ ବିହାରୀ ସାହୁ, ଶୁଭମ ଖୁଣ୍ଟିଆ, ସାଧନ କେନ୍ଦ୍ରର ସଂଯୋଜକ କେଦାର ନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କଳା ଶିକ୍ଷକ ଦିନେଶ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଗିରି ଓ ମଣ୍ଡଳ ଶିକ୍ଷା ଅଧିକାରୀ ମହମଦ ହ୍ୟୁମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳଚ୍ଚିତ୍ରରେ ଅଂଶଗ୍ରହଣ କରିଥିବା ନିର୍ଦ୍ଦେଶକ ଦିନେଶ ମଲିକ, ସଂଳାପ ଜ୍ଞାନରଞ୍ଜନ ସାମଲ, ସଂଗୀତ ଅରୁପମା ନାୟକ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାନପତ୍ର, ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ମନୋରଞ୍ଜନ ବେଉରିଆ, ପ୍ରଭାତ ସାହୁ, ଶିକ୍ଷୟିତ୍ରୀ ନମିତା ମଲିକ, ସତ୍ୟଭାମା ବାରିକ, ମଞ୍ଜୁଲତା ଥାଟୋଇ, ରଶ୍ମିତା ନାୟକ, କାଜଲ ଦଳାଇ ଓ ବାଙ୍ଗରା ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତିବାଳା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ପୌର କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଧାରଣା

**ଯାଜପୁର ଟାଉନ,୭।୬(ଡି.ଏନ.ଏ.)**

ଦଳୀୟ ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନ ପ୍ରତିବାଦରେ ମଙ୍ଗଳବାର ଯାଜପୁର ନଗର ଭାଜପା ପକ୍ଷରୁ ଯାଜପୁର ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିସହିତ ସେଠାରେ ଆୟୋଜିତ ଏକ ପ୍ରତିବାଦ ସଭାରେ ବିଭିନ୍ନ ନାରାବାଜି କରାଯାଇଛି। ମୁଖ୍ୟତଃ ଏହି ପୌରପାଳିକା ଅଧୀନରେ ଥିବା ଅନୁସୂଚିତ ଜାତି ମହିଳାଙ୍କୁ ଆବାସ ଯୋଜନାରୁ ବାଦ୍ ଦିଆଯାଇଥିବା ଘଟଣାକୁ ନେଇ ଭାଜପା କର୍ମୀ ପ୍ରତିବାଦ କରିଥିଲେ।

ସୂଚନାଯୋଗ୍ୟ, ଯାଜପୁର ପୌରାଞ୍ଚଳର ୩ ନମ୍ବର ୱାର୍ଡର ବାସିନ୍ଦା ଜୟନ୍ତୀ ବେହେରା ନାମକ ଜଣେ ମହିଳା ଦୁଇ ବର୍ଷ ହେବ ଆବାସ ପାଇଁ ଆବେଦନ କରି ଆସୁଥିଲେ ମଧ୍ୟ ତାଙ୍କୁ ସେଥିରୁ ବଞ୍ଚିତ କରାଯାଇଥିଲା। ଜୟନ୍ତୀ ଭାଜପା ସମର୍ଥକ ହୋଇଥିବାରୁ ତାଙ୍କୁ ଯୋଜନାରୁ ବଞ୍ଚିତ କରାଯାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ପ୍ରତିବାଦ ସଭାରେ ନଗର ଭାଜପା ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଗରିବଙ୍କ ପାଇଁ ଆସୁଥିବା ଆବାସକୁ ବିଜେଡି କର୍ମୀ ଲୁଟ୍ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ସୁଶାନ୍ତ ସାହୁ, ସତ୍ୟଜିତ ସ୍ୱାଇଁ, କୁଳମଣି ପରିଡ଼ା, ଦୀପ୍ତିରେଖା ମିଶ୍ର, ବିଜନ ବେହେରା, ହୃଷୀକେଶ ପରିଡା, ଜ୍ୟୋତିର୍ମୟୀ ଦ୍ୱିବେଦୀ, ରୂପକ ଦାସ ଓ ସନ୍ତୋଷ ପତି ପ୍ରମୁଖ ଯୋଗଦେବା ସହ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶେଷରେ ନଗର ଭାଜପାର ଏକ ପ୍ରତିନିଧି ମଣ୍ଡଳି ଏସମ୍ପର୍କରେ ଜିଲାପାଳଙ୍କ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଲୋକାୟୁକ୍ତଙ୍କ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ତଦନ୍ତ

**ଧର୍ମଶାଳା,୭।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ତରଞ୍ଜିଆ ପଞ୍ଚାୟତର ନୂଆ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ସୂଚନା ଅଧିକାର ତଥ୍ୟରୁ ଜଣା ପଡ଼ିଥିଲା। ରାଜ୍ୟ ସରକାରଙ୍କ ୨ଟି ବିଭାଗ ପକ୍ଷରୁ ଏଠାରେ କାମ କରାଯାଇ ବିଲ ଉଠାଇ ନିଆଯାଇଥିବା ସମ୍ପର୍କରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହେବାପରେ ମଙ୍ଗଳବାର ଲୋକାୟୁକ୍ତଙ୍କ ପକ୍ଷରୁ ସରଜମିନ ତଦନ୍ତ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ଡାଇରେକ୍ଟର ସର୍ବେଶ୍ୱର ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ଆସି ତଦନ୍ତ କରିଛନ୍ତି। ପ୍ରଥମେ ଏହି ଟିମ୍ ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି କାଗଜପତ୍ର ତନଖି କରିଥିଲେ। ପରେ ତରଞ୍ଜିଆ ଯାଇ ସେଠାରେ ପୁନରୁଦ୍ଧାର କରାଯାଇଥିବା ପୋଖରୀକୁ ଦେଖି ମାପଚୁପ କରିଥିଲେ। ତଦନ୍ତ କାର୍ଯ୍ୟରେ ବ୍ଲକ ପକ୍ଷରୁ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସହଯୋଗ କରିଥିଲେ।

ସୂଚନା ଯୋଗ୍ୟ, ୨୦୧୯/୨୦ ଆର୍ଥିକ ବର୍ଷରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପାଖାପାଖି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପୋଖରୀ ପୁନରୁଦ୍ଧାର କରାଯାଇଥିଲା। ତେବେ ସମାନ ଆର୍ଥିକ ବର୍ଷରେ ଧର୍ମଶାଳା ବ୍ଲକ ପକ୍ଷରୁ ଏହି ପୋଖରୀରେ ୩ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯାଇ ବିଲ ଉଠାଇ ନିଆଯାଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଥିଲା। ତେବେ ଏକା ସମୟରେ ସରକାରଙ୍କ ୨ଟି ବିଭାଗ କାମ କରି ଟଙ୍କା ଉଠାଇ ନେଇଥିବା ନେଇ ସନ୍ଦେହ ପ୍ରକାଶ ପାଇବାରୁ ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଘଟଣାର ତଦନ୍ତ କରିବାକୁ ଲୋକାୟୁକ୍ତଙ୍କ ନିକଟରେ ଅପିଲ କରିଥିଲେ।

## ବ୍ୟାସନଗର କଲେଜରେ ବିଶ୍ୱ ତମାଖୁ ଦିବସ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଯାଜପୁରରୋଡ,୭।୬(ଡି.ଏନ.ଏ.)**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୨ ଓ ୩ ନଂ. ୟୁନିଟ୍ ତରଫରୁ ବିଶ୍ୱ ତମାଖୁ ନିଷେଧ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ କୁଶଚନ୍ଦ୍ର ପ୍ରଧାନ ତମାଖୁ ବର୍ଜନ ପାଇଁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ । ଡାକ୍ତର ଶୁଭାଷିଶ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ତମାଖୁ ସେବନ ଦ୍ୱାରା କିଭଳି କ୍ୟାନସର ଭଳି ରୋଗର ଶିକାର ହେଉଛନ୍ତି ତାହା ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ । ରଶ୍ମିରଞ୍ଜନ ସାହୁ, ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପକ ଗୌରାଙ୍ଗ ଚରଣ ମଲ୍ଲିକ, ପ୍ରାଧ୍ୟାପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାସ, ପ୍ରୋଗ୍ରାମ ଅଫିସର ଜଗବନ୍ଧୁ ସାହୁ, ବିଷ୍ଣୁ ଚରଣ ବାରୁଡ଼ି, ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ମହାନ୍ତି, ଅମୂଲ୍ୟକୃଷ୍ଣ ପାଢ଼ୀ, ଦିଲ୍ଲୀପ କୁମାର ରାଉତ, ରଣଜିତ୍ କୁମାର ପହି, ସନାତନ ଦାସ, ବିବେକାନନ୍ଦ ଜେନା, ମମତା ସାମଲ, ଅତସୀ କୁସୁମ ନାୟକ, ବୈଜୟନ୍ତୀ ବଳ, ରତ୍ନାକର ସ୍ୱାଇଁ, ମମତାମୟୀ ରାଉତ, ଅନିନ୍ଦିତା ସାହାଣୀ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନସ କୁମାର ପତି, ସ୍ମୃତିରଞ୍ଜନ ମଲ୍ଲିକ, ସନ୍ତୋଷ କୁମାର ପରିଡ଼ା, ବାଉରୀବନ୍ଧୁ ଦାସ, ରବିନ୍ଦ୍ର ରାଉଳ, ରଶ୍ମିତା ସାହୁ, ଅରବିନ୍ଦ ବୋଷ, ଜଗନ୍ନାଥ ବେହେରା, ଦୁଷ୍ମନ୍ତ କୁମାର ବେହେରା, ପ୍ରୀୟ ରଞ୍ଜନ ବେହେରା, ଶଶୀକାନ୍ତ ଲେଙ୍କା, ଛବିଳା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଜବରଦଖଲ ମୁକ୍ତହେଲା ଷଢ଼େଇ ପୋଖରୀ ଅଞ୍ଚଳ




ଜେସିବି ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ଯାଜପୁର ଟାଉନ,୭।୬(ଡି.ଏନ.ଏ.)**

ଯାଜପୁର ବ୍ଲକ୍ ଅନ୍ତର୍ଗତ ବିଚିତ୍ରପୁର ପଞ୍ଚାୟତର ସଢ଼େଇ ପୋଖରୀ ସହ କିଛି ଅନାବାଦି ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରିଥିଲେ। ତେବେ ଏହି ଅଞ୍ଚଳରେ ରାଜା ଯଯାତୀ କେଶରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ଯଯାତି ଭବନ ଓ ସଢ଼େଇ ପୋଖରୀକୁ ନବୀକରଣ କରି ସେଠାରେ ଅତ୍ୟାଧୁନିକ ପାର୍କ ନିର୍ମାଣ ପାଇଁ ଚିହ୍ନଟ ହୋଇଛି। ତେଣୁ ସଢେଇ ପୋଖରୀ ନିକଟରୁ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଖବର ନେବାରୁ ଜଣାଯାଇଛି ଯେ, ଯାଜପୁରର ପ୍ରବେଶପଥ ଗୋଖନା ଗ୍ରାମର ସଢେଇ ପୋଖରୀ ନିକଟରେ ରହୁଥିବା ଲୋକଙ୍କୁ ଥଇଥାନ କରା ନ ଯାଇ ଜାଗା ଖାଲି କରିବା ପାଇଁ ଯାଜପୁର ତହସିଲ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ଧରି ସେଠାରେ ରହି ଆସୁଥିବା ୪୫ରୁ ଊର୍ଦ୍ଧ୍ୱ ପରିବାର ପ୍ରଶାସନର ଏହି ନୋଟିସକୁ ଅଣଦେଖା କରି ଥଇଥାନ ନ କରିବା ପର୍ଯ୍ୟନ୍ତ ଜାଗା ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଥିଲେ। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ବ୍ୟାପକ ପୋଲିସ ଫୋର୍ସ ଜେସିବି ସହାୟତାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ଏହି ଉଚ୍ଛେଦ ପ୍ରକ୍ରିୟାରେ ଅଧିକାଂଶ ପରିବାର ବାସହରା ହେବେ ବୋଲି ଜଣାପଡିଛି। ତେଣୁ ଜିଲା ପ୍ରଶାସନ ଉକ୍ତ ସ୍ଥାନରେ ବସବାସ କରୁଥିବା ଲୋକଙ୍କୁ ଅନ୍ୟ ସ୍ଥାନରେ ଥଇଥାନ କରିବାକୁ ସାଧାରଣରେ ଦାବି ହୋଇଛି।

## ଚାରାରୋପଣ କରି ଜନ୍ମଦିନ ପାଳିଲେ ପରିବେଶବିତ

**ଧର୍ମଶାଳା,୭।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ଥାନୁଆଳ ପଞ୍ଚାୟତର ବିଶିଷ୍ଟ ପରିବେଶବିତ ଶ୍ରୀନିବାସ ଜେନା ରବିବାର ତାଙ୍କ ନିଜ ଗ୍ରାମ କାନପୁରସ୍ଥିତ ଗ୍ରାମଦେବତୀ ପରିସରରେ ଚାରାରୋପଣ କରି ଜନ୍ମଦିନ ପାଳନ କରିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ସେ ଏକ ଶହରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରାରୋପଣ କରିଛନ୍ତି। ଚାରାଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ତାରବାଡ଼ା ବୁଲାଇ ଯତ୍ନ ନେବେ ବୋଲି କହିଛନ୍ତି। ଏତଦ୍‌ବ୍ୟତୀତ ଆଗାମୀ ଦିନରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ୧ ଲକ୍ଷ ଚାରାରୋପଣ କରିବେ ବୋଲି ସେ ଲକ୍ଷ୍ୟ ରଖିଛନ୍ତି। କାର୍ଯ୍ୟକ୍ରମରେ ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ପ୍ରସନ୍ନ କୁମାର ରାଉତ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଜେନାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଶ୍ରୀନିବାସ ଧର୍ମଶାଳା ବ୍ଲକ କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ଉପଦେଷ୍ଟା ରହି ଜାରକାସ୍ଥିତ ଶିଶୁ ଉଦ୍ୟାନ ନିକଟରେ ୨ଏକର ଜମିରେ ଔଷଧୀୟ ଚାରା ରୋପଣ କରି ଉଦ୍ୟାନ ସୃଷ୍ଟି କରିଛନ୍ତି। ଏଥିସହିତ ଧର୍ମଶାଳା ଥାନା ପରିସର, ମଧୁପୁରଗଡ଼, ପନ୍ତୁରୀ ଓ ବାଜବାଟୀଠାରେ ଫୁଲ ଏବଂ ଫଳ ବଗିଚା ସୃଷ୍ଟି କରି ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏଥିଯୋଗୁ ତାଙ୍କୁ ଜିଲାର ବିଭିନ୍ନ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।



ପରିବେଶବିତ ଶ୍ରୀନିବାସ ଜେନା ଚାରାରୋପଣ କରୁଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟରେ ୧୯ ସ୍କୁଲ୍ ଲୋକାର୍ପିତ ହେବ

**ଚଣ୍ଡିଖୋଲ,୭।୬(ଡି.ଏନ.ଏ.)**

ରାଜ୍ୟ ସରକାର ୫-ଟିଜରିଆରେ ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟ କରୁଥିବାବେଳେ ବଡ଼ଚଣା ବ୍ଲକ୍‌ର ୧୯ଟି ବିଦ୍ୟାଳୟକୁ ଆସନ୍ତା ୧୦ତାରିଖରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବେ। ସେଥିପାଇଁ ମଙ୍ଗଳବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ବାଲିଚନ୍ଦ୍ରପୁର ଓ ପତରାଜପୁର ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟ ସମୀକ୍ଷା କରିଛନ୍ତି। ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ଶ୍ରେଣୀ ଗୃହ, ଲାଇବ୍ରେରି, ଲାବରେଟୋରି ଆଦି ବୁଲି ଦେଖିଥିଲେ। ଏହା ସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ପରିଦର୍ଶନ ସମୟରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରି, ସହକାରୀ ନିର୍ବାହୀ ଯନ୍ତ୍ରୀ ବିପିନ ସେଠୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପ୍ରାକ୍ତନ ସରପଞ୍ଚ ଫଣିନ୍ଦ୍ର ପଣ୍ଡା, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଭକ୍ତ ଚରଣ ସାହୁ, ସମ୍ପାଦକ ପ୍ରକାଶ ସାମଲ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି ବ୍ଲକ୍‌ର ୭ଟି ବିଦ୍ୟାଳୟ ପ୍ରଥମ ପର୍ଯ୍ୟାୟରେ ଲୋକାର୍ପିତ ହୋଇସାରିଛି।

## ଜମି ବିବାଦକୁ ନେଇ ମାର୍‌ପିଟ ଘଟଣାରେ ୨ ଗିରଫ

**ଧର୍ମଶାଳା,୭।୬(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଶ୍ରୀବନ୍ତପୁର ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ସାନୁ ସାମଲ ଓ ସନ୍ତୋଷ ସାମଲ। ଗଣ୍ଡଗୋଳ ନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୩୩୧/୨୨ ଓ ୩୩୨/୨୨ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ମୃତ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ଯବାନଙ୍କ ମରଶରୀରକୁ ଶୋଭଯାତ୍ରାରେ ନିଆଯାଉଛି।

**ଯାଜପୁର ଟାଉନ,୭।୬(ଡି.ଏନ.ଏ.)**

ସୈନ୍ୟ ବାହିନୀରେ ହାବିଲଦାର ଭାବେ କାର୍ଯ୍ୟରତ ଥିବା ଯାଜପୁର ବ୍ଲକ୍ ଜମଧର ପଞ୍ଚାୟତ ମହାପୁର ଗ୍ରାମର ଦୁଃଶାସନ ଦାସଙ୍କ ପୁତ୍ର ଜୀବନ୍ୟାସ ଦାସଙ୍କ ଗତ ୫ତାରିଖରେ ଝାଡ଼ଖଣ୍ଡ ରାଜ୍ୟର କୋଦର୍ମା ରେଳ ଷ୍ଟେଶନ୍‌ରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେନାର ଉଚ୍ଚ ପଦାଧିକାରୀଙ୍କ ସହଯୋଗରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଆମ୍ବୁଲାନ୍ସ ଯୋଗେ ଅପରାହ୍ନରେ କୁଆଖିଆ ବଜାର ନିକଟରେ ପହଞ୍ଚିଥିଲା। ସେଠାରୁ ତାଙ୍କୁ ନିଜ ଗ୍ରାମ ପର୍ଯ୍ୟନ୍ତ ବୀର ଯବାନ ଜୀବନ୍ୟାସ ଅମର ରହେ ଧ୍ୱନି ସହ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା। ବିଭିନ୍ନ ଛକରେ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଯବାନଙ୍କ ମରଶରୀର ସହ ସୈନ୍ୟ ବାହିନୀର ନାଏବ୍ ସୁବେଦାର ଏସ୍.ପି ଜୋଶୀ ଓ ନାଏବ ଯାଦବ୍ ନାୟକ ଉପସ୍ଥିତ ଥିବା ବେଳେ ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ସମିତି ସଭ୍ୟ ଶେଖ୍ ମୋଜହିଦ୍, ମହେଶ୍ୱରପୁର ସରପଞ୍ଚ ସୁଜିତ୍ ରାୟ, ଜିଲା ବିଜୁ ଜନତା ଦଳ ସମ୍ପାଦକ ପ୍ରଦୀପ ନାୟକ ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହି ଦୁଃଖଦ ଖବର ପାଇଁ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବ ପ୍ରସାଦ ଦାସ, ଯାଜପୁର ବ୍ଲକ୍ ବିଜୁ ଜନତା ଦଳ ସଭାପତି ପରେଶ ବିଶ୍ୱାଳ ପ୍ରମୁଖ ମୃତ ଯବାନଙ୍କ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ଆଶ୍ୱାସନା ଜଣାଇଥିଲେ। ପରେ ମୃତ ଶରୀରକୁ ନିଜ ଗ୍ରାମ ପରିକ୍ରମା କରି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜୀବନ୍ୟାସଙ୍କ ସାନଭାଇ ପପୁ ମୁଖାଗ୍ନି ଦେଇଥିଲେ।

# ନିର୍ମାଣ ଅପେକ୍ଷାରେ ୯୮୮ ଅଙ୍ଗନୱାଡି କେନ୍ଦ୍ର

■ ୨୧୪୭ କେନ୍ଦ୍ରରୁ ମାତ୍ର ୨୫ଟିରେ ବିଦ୍ୟୁତ୍ ସଂଯୋଗ
■ ୧୩୮୬ କେନ୍ଦ୍ରରେ ପାଇଖାନା ନାହିଁ

**କେନ୍ଦ୍ରାପଡ଼ା ଅଫିସ, ୭।୬:**

ମହିଳା ଓ ଶିଶୁ ବିକାଶରେ ଅଙ୍ଗନୱାଡି କେନ୍ଦ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରାଜ୍ୟ ସରକାର ୫-ଟି ଅଧୀନରେ ମିଶନ ଶକ୍ତି ମାଧ୍ୟମରେ ଏହାର ରୂପାନ୍ତରଣ କରୁଛନ୍ତି। ଅପପୁଷ୍ଟି ରୋକିବା, ଟିକାକରଣଠାରୁ ଆରମ୍ଭ କରି ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ ଏହାର କାର୍ଯ୍ୟ ହୋଇଥିବା ବେଳେ ଆଗାମୀ ସମାଜକୁ ସୁସ୍ଥ ସବଳ କରିବା ଏହାର ଲକ୍ଷ୍ୟ। ତେବେ କେନ୍ଦ୍ରାପଡ଼ା ଜିଲାର ତୃଣମୂଳସ୍ତରରେ ଏହି ଲକ୍ଷ୍ୟ ପୂରଣ ହୋଇପାରୁନି। ଜିଲାରେ ମୋଟ ୨,୧୪୭ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିମଧ୍ୟରୁ ମେ ମାସ ଶେଷ ସୁଦ୍ଧା ୩୫ଜଣ ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ହୋଇନି। ସେହିପରି ଜିଲା ସମାଜ କଲ୍ୟାଣ ବିଭାଗ ତଥ୍ୟ ଅନୁଯାୟୀ, ୯୮୮ଟି କେନ୍ଦ୍ର ନିର୍ମାଣ ଅପେକ୍ଷାରେ ଅଛି। ଜିଲାର ମୋଟ କେନ୍ଦ୍ର ମଧ୍ୟରୁ ମାତ୍ର ୨୫ଟିରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ୧୩୮୬ କେନ୍ଦ୍ରରେ ପାଇଖାନା ନାହିଁ।

ବିଭାଗର ତଥ୍ୟ ଅନୁଯାୟୀ, ୨୧୪୭ ମଧ୍ୟରୁ ୨୧୦୧ଟି କେନ୍ଦ୍ର ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ଏଥିମଧ୍ୟରୁ ୧୯୭୦ଟି କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ୧୩୧ଟି ସ୍ଥାନ ଅଦ୍ୟାବଧି ଚିହ୍ନଟ ହୋଇପାରିନାହିଁ। ମହାକାଳପଡା ବ୍ଲକ ଅଞ୍ଚଳରେ ସର୍ବାଧିକ


ମହାକାଳପଡ଼ା ବ୍ଲକର ଏକ ଅଙ୍ଗନୱାଡି କେନ୍ଦ୍ରର ଗୃହ ନ ଥିବାରୁ ବାରଣ୍ଡାରେ ବସି ଶିଶୁମାନେ ପଢୁଛନ୍ତି।

୫୪ଟି କେନ୍ଦ୍ର ପାଇଁ ସ୍ଥାନ ନିରୂପଣ ହୋଇନାହିଁ। ସେହିପରି ଆଳି ବ୍ଲକ ଅଞ୍ଚଳରେ ୨୦ଟି, ଡେରାବିଶରେ ୪ଟି, କେନ୍ଦ୍ରାପଡ଼ାରେ ୧୩ଟି, ମାର୍ଶାଘାଇରେ ୩ଟି, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ୩୬ଟି କେନ୍ଦ୍ର ପାଇଁ ଜମି ଅଧିଗ୍ରହଣ ହୋଇନାହିଁ। ଅଦ୍ୟାବଧି ୧୧୫୯ଟି କେନ୍ଦ୍ର ନିର୍ମାଣ ସରିଥିଲେ ମଧ୍ୟ ୯୨ଟି କେନ୍ଦ୍ର ବିଭାଗକୁ ହସ୍ତାନ୍ତର ହୋଇନାହିଁ। ୪୫୩ଟି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇନାହିଁ। ଏବେ କେନ୍ଦ୍ରାପଡ଼ା ସହରର ୭ ଓ ପଟ୍ଟାମୁଣ୍ଡାଇ ସହରର ୪ କେନ୍ଦ୍ର ସମେତ ମୋଟ ୧୦୬୭ଟି ସ୍ଥାନରେ ନିଜସ୍ୱ କେନ୍ଦ୍ର କାର୍ଯ୍ୟକାରୀ ହୋଇଛି। ଗ୍ରାମାଞ୍ଚଳର ୪୮ ଓ ସହରାଞ୍ଚଳର ୧୮ଟି କେନ୍ଦ୍ର ଭଡା ଗୃହରେ ଚାଲିଛି। ଏହାବ୍ୟତୀତ ସ୍କୁଲରେ ୩୦୬ ଓ ୩୧୩ କମ୍ୟୁନିଟି ବିଲ୍ଡିଂରେ ଏହି କେନ୍ଦ୍ର କାର୍ଯ୍ୟକାରୀ ହେଉଛି। ଡେରାବିଶର ୧୩, ମାର୍ଶାଘାଇର ୭ଟି, ରାଜକନିକାର ୨ ଓ ରାଜନଗରରେ ୩ଟି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ଅଛି। ତେବେ ଆଳିର ୨୨୫ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୬୨ଟିରେ ପାଇଖାନା ନାହିଁ। ସେହିପରି ଡେରାବିଶ ବ୍ଲକ ଅଞ୍ଚଳର ୨୨୪ କେନ୍ଦ୍ର ମଧ୍ୟରୁ ୧୧୧, ଗରଦପୁରର ୧୭୪ରୁ ୨୬, କେନ୍ଦ୍ରାପଡ଼ାର ୨୬୩ରୁ ୧୫୦, ମହାକାଳପଡ଼ାର ୩୧୧ରୁ ୨୩୨, ମାର୍ଶାଘାଇର ୧୮୩ରୁ ୧୧୧, ପଟ୍ଟାମୁଣ୍ଡାଇର ୨୭୮ରୁ ୧୮୯, ରାଜକନିକାର ୨୧୫ରୁ ୧୭୨ ଓ ରାଜନଗର ବ୍ଲକ ଅଞ୍ଚଳର ୨୭୪ କେନ୍ଦ୍ର ମଧ୍ୟରୁ ୨୫୦ଟିରେ ପାଇଖାନା ନାହିଁ।

ଏ ସମ୍ପର୍କରେ ଡେରାବିଶର ନୀହାର ରଞ୍ଜନ ପ୍ରଧାନ, ମହାକାଳପଡ଼ାର ହରେକୃଷ୍ଣ ପାତ୍ର, ରାଜନଗରର ସୁକାନ୍ତ କୁମାର ପ୍ରଧାନ, ରାଜକନିକାର ସୁଶାନ୍ତ କୁମାର ନାୟକ ପ୍ରମୁଖ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅଙ୍ଗନୱାଡି କେନ୍ଦ୍ର ଏକ ଭଲ ପରିକଳ୍ପନା। ତେବେ ଏହି ମିଶନ କେନ୍ଦ୍ରପଡ଼ା ଜିଲାର ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ନିଜସ୍ୱ କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ଖୋଲା ବାରଣ୍ଡାରେ ବସୁଛନ୍ତି। ଉପାନ୍ତ ଅଞ୍ଚଳରେ ଶିଶୁଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ ପିଇବା ବ୍ୟବସ୍ଥା ନାହିଁ। ସ୍ଥାନୀୟ ଅଞ୍ଚଳରେ ଥିବା ଲୁଣିପାଣିକୁ ଭରସା କରିଛନ୍ତି। ଶିଶୁଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟ ଭାବେ ଛତୁଆର ମାନ ନିମ୍ନ ଧରଣର ହେଉଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ନିଜସ୍ୱ କେନ୍ଦ୍ର ନିର୍ମାଣ ଏବେ ଜରୁରୀ ହୋଇଥିବା ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଶଙ୍କର ଜେନା କହିଛନ୍ତି, କେନ୍ଦ୍ର ନିର୍ମାଣରେ ଜମି ଚିହ୍ନଟ ଏକ ସମସ୍ୟା ହୋଇଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ସହଯୋଗ ଲୋଡା ଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ରାଜ୍ୟ ଯୋଜନା, ବିଧାୟକ ଓ ସାଂସଦ ପାଣ୍ଠି ସହ ଅନ୍ୟ ଅର୍ଥ ଅନୁଦାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେଉଥିବା ସେ ମତ ଦେଇଛନ୍ତି।

## ସଂକ୍ଷେପରେ

### ଡେରାବିଶରେ ସମବାୟ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା

**ଡେରାବିଶ, ୭।୬(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନରେ ଥିବା ୧୦ଟି ସମବାୟ ସମିତି ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ୭ଟି ସମବାୟ ସମିତିରେ ଆସନ୍ତା ୧୯ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ଅନ୍ୟ ୩ ସମବାୟ ସମିତିରେ ୨୬ ତାରିଖରେ ନିର୍ବାଚନ ହେବ ବୋଲି ଜିଲା ସମବାୟ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ତେବେ ନିର୍ବାଚନକୁ ନେଇ ବ୍ଲକ ଅଞ୍ଚଳରେ ରାଜନୈତିକ ଉଷ୍ମତା ଜୋର୍ ଧରିଛି।

ସୋମବାର ବ୍ଲକ ଅଧୀନ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ଓ ହରିଅଙ୍କସ୍ଥିତ କପିଳେଶ୍ୱର ସମବାୟ ସମିତିରେ ୨୬ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ପରିଚାଳନା ନିର୍ଦ୍ଦେଶକ ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ଏଥିମଧ୍ୟରୁ କପିଳେଶ୍ୱର ସମିତିରେ ଥିବା ୧୫ଟି ଜୋନ୍‌ରେ ଜଣେ ଲେଖାଏ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରି ଏକପ୍ରକାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନହଙ୍ଗ ସମିତିର ୧୫ଟି ଜୋନ୍ ପାଇଁ ୩୨ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କେବଳ ପଲେଇ ସମବାୟ ସମିତିରେ ବୁଧବାର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଲାଗି ଦିନଧାର୍ଯ୍ୟ ହୋଇଥିବା ଜିଲା ସମବାୟ ସହକାରୀ ଉପନିବନ୍ଧକ ମନମୋହନ ରାଉତ ସୂଚନା ଦେଇଛନ୍ତି। ତେବେ ବ୍ଲକ ଅଞ୍ଚଳର ସମସ୍ତ ସମବାୟ ସମିତିକୁ ନିଜ ଅକ୍ତିଆରକୁ ନେବାକୁ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ କସରତ ଆରମ୍ଭ ହୋଇଛି। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପକ୍ଷରୁ ଦଳୀୟ ସମର୍ଥିତ ପ୍ରାର୍ଥୀ ସମସ୍ତ ସମିତିରେ ଦିଆଯାଇଥିବା ବେଳେ ବିଜେଡିର ଅସନ୍ତୁଷ୍ଟ ନେତା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ସମସ୍ତ ସମିତିରେ ପରିଚାଳନା ନିର୍ଦ୍ଦେଶକ ପଦବୀ ପାଇଁ ତାଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଛିଡ଼ା କରାଇଛନ୍ତି। ଅନୁରୂପ ଭାବେ ଭାଜପା ଓ କଂଗ୍ରେସ ପକ୍ଷରୁ ମଧ୍ୟ ଏହି ସମିତି ନିର୍ବାଚନ ପାଇଁ ତାଙ୍କ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଛିଡ଼ା କରାଯାଇଛି।

### ନୂଆ ଭାରପ୍ରାପ୍ତ ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ପଟ୍ଟାମୁଣ୍ଡାଇ,୭।୬(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକର ନୂତନ ଭାରପ୍ରାପ୍ତ ଶିକ୍ଷାଧିକାରୀ ଭାବେ ରାଜନଗର ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ବିଆର୍‌ସିସି ଚନ୍ଦ୍ରଶେଖର ତ୍ରିପାଠୀ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଦୀପ କୁମାର ପୃଷ୍ଟି ଓ ପ୍ରେମବାଳା ମହାପାତ୍ର, ସିଆରସିସି ମଳୟ ଜେନା, ଅନ୍ତର୍ଯାମୀ ବେଜ, ସଞ୍ଜୟ ସାହୁ, ବିଶ୍ୱରଞ୍ଜନ ଦାଶ, ରଞ୍ଜନ ସାହୁ, ଉମାକାନ୍ତ ବେହେରା, ଗୋଦାବରୀଶ ମିଶ୍ର, ଆମ୍ରପଲ୍ଲୀ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ସ୍ୱାଗତ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ସହ ସମସ୍ତଙ୍କ ଆସ୍ଥାଭାଜନ ହେବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସେଠୀ ପରାମର୍ଶ ଦେଇଥିଲେ।

### ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ



**ରାଜନଗର, ୭।୬(ଡି.ଏନ.ଏ.):** ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀ ବରାହ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୧୯୯୭ ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ଭାରପ୍ରାପ୍ତ ଓ ନୂତନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ଶିକ୍ଷକ ନରୋତ୍ତମ ପାଇଟାଳ, ଜୟକୃଷ୍ଣ ରାଉତ, ରମେଶ ଚନ୍ଦ୍ର ରାଉତ, ଦିଲୀପ କୁମାର ପ୍ରଧାନ, ଗୋଲୋକ ରାଉତ, ଗଣେଶ ଚନ୍ଦ୍ର ନାୟକ, ଅଭୟ କୁମାର ରାଉତ, ବ୍ରହ୍ମାନନ୍ଦ ରାଉତ, ବିଜୟ କୁମାର ବେହେରା, ଅକ୍ଷୟ କୁମାର ଖଟୁଆ, ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦାନ କରିଥିଲେ। ପୁରାତନ ଛାତ୍ର ବିଚିତ୍ର ରାଉତଙ୍କ ଦ୍ୱାରା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ବନ୍ଧୁ ମିଳନ ଉତ୍ସବରେ ଶ୍ରୀନିବାସ ପ୍ରଧାନ, ବିକାଶ କୁମାର ମହାନ୍ତି, ବିପ୍ର ଚରଣ ପ୍ରଧାନ, ସୁଶାନ୍ତ କୁମାର ଦାସ, ଡମ୍ବରୁଧର ପ୍ରଧାନ, ଅଜୟ କୁମାର ସ୍ୱାଇଁ, ହଳଧର ମୁଦୁଲି, ରଜନୀକାନ୍ତ ପଣ୍ଡା, ସୁବାସ ଓଝା, ପଦ୍ମାବତୀ ସ୍ୱାଇଁ, କବିତା ଜେନା, ଦମୟନ୍ତୀ ପାଣି, ଦମୟନ୍ତୀ ଜେନା, କୌଶଲ୍ୟା ସେଠୀ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ନୀହାର ରଞ୍ଜନ ପାଇଟାଳ ଧନ୍ୟବାଦ ଦେଇଥିଲେ।

## ଶ୍ରମ କାର୍ଯ୍ୟାଳୟରେ ପଡି ରହିଛି ୨୦ ହଜାର ଆବେଦନ ପତ୍ର



**କେନ୍ଦ୍ରାପଡ଼ା ଅଫିସ, ୭।୬**

କେନ୍ଦ୍ରାପଡ଼ା ଜିଲା ଶ୍ରମ କାର୍ଯ୍ୟାଳୟରେ ସବୁକିଛି ଠିକ୍ ଚାଲିନାହିଁ। ଶ୍ରମିକଙ୍କ ଦୁର୍ଦ୍ଦଶା ବଢୁଥିବା ବେଳେ ୨୦ ହଜାରରୁ ଅଧିକ ଆବେଦନପତ୍ର ପଡ଼ିରହିଛି। ଏପରି ଅଭିଯୋଗ ଆଣି ଜିଲାର ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଶ୍ରମ ଅଧିକାରୀଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଶ୍ରମିକ ନେତା ଜଗଜ୍ଜୀବନ ଦାସ କହିଛନ୍ତି, ନିର୍ମାଣ ଶ୍ରମିକ ନିଜର ନାମ ପଞ୍ଜୀକରଣ ପାଇଁ ଆବେଦନପତ୍ର ଦେଇଛନ୍ତି। ଏହାକୁ ପଞ୍ଜୀକରଣ କରାଯାଉନାହିଁ। ଏପରି ପୂର୍ବରୁ ପଞ୍ଜୀକୃତ ୨୦ ହଜାରରୁ ଅଧିକ ଶ୍ରମିକ ଉପକରଣ ଓ ସାଇକେଲ ଅନୁଦାନ ପାଇଁ ଆବେଦନପତ୍ର ଦେଇଥିଲେ ମଧ୍ୟ ସହାୟତା ମିଳୁନାହିଁ। ମୃତ୍ୟୁକାଳୀନ ସହାୟତା ପାଇଁ କାର୍ଯ୍ୟାଳୟରେ ୫୦୦ରୁ ଅଧିକ ଆବେଦନପତ୍ର ପଡିରହିଛି। ସେହିପରି ଚିକିତ୍ସା, ବିବାହ ସହାୟତା ପ୍ରତି ଧ୍ୟାନ ଦିଆଯାଉନାହିଁ। ଏପରି ବିଭିନ୍ନ ସମସ୍ୟାର ସମାଧାନ ତୁରନ୍ତ ନ ହେଲେ ଆସନ୍ତା ୧୮ ତାରିଖରେ ଶ୍ରମିକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଶ୍ରମିକ ନେତା ଦାସ ସୂଚନା ଦେଇଛନ୍ତି।

# ପିଲାଙ୍କୁ ଆକର୍ଷିତ କରିବ ସ୍ମାର୍ଟ କ୍ଲାସରୁମ୍

**ରାଜନଗର/ ଆଳି, ୭।୬(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲାରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ୯୫ଟି ବିଦ୍ୟାଳୟକୁ ରୂପାନ୍ତରଣ କରାଯାଇଛି। ଉପକୂଳ ଅଞ୍ଚଳରେ ଏହି ରୂପାନ୍ତରୀଣ ବିଦ୍ୟାଳୟରେ ଥିବା ସ୍ମାର୍ଟ କ୍ଲାସ୍‌ରୁମ୍ ପିଲାମାନଙ୍କୁ ଆକର୍ଷିତ କରିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏହି କ୍ରମରେ ଜିଲାର ରାଜନଗର ବ୍ଲକର ୯ଟି ହାଇସ୍କୁଲକୁ ରୂପାନ୍ତରଣ କରାଯାଇଛି। ସେଗୁଡିକ ହେଲା ରାଜନଗର ହାଇସ୍କୁଲ, ବଡ଼ପଲ୍ଲୀ ହାଇସ୍କୁଲ, ଓସ୍ତିଆ ବନ୍ଧପାଟଣା ହାଇସ୍କୁଲ, ଜଗନ୍ନାଥପୁର ଶାସନ ବିଦ୍ୟାନିକେତନ ଭଗବାନପୁର, ଶ୍ରୀଜଗନ୍ନାଥ ହାଇସ୍କୁଲ କେରେଡାଗଡ଼, ମହାକାଳୀ ହାଇସ୍କୁଲ ବେଲପାଳ, ପଞ୍ଚୁବରାହୀ ବିଦ୍ୟା ନିକେତନ ମାଣପଡ଼ା, ଶ୍ରୀଜଗନ୍ନାଥ ହାଇସ୍କୁଲ ଚାନ୍ଦିବାଉଁଶମୂଳ, ନିଗମାନନ୍ଦ ବିଦ୍ୟାପୀଠ ବଡ଼ନାଉକୋଣା ହାଇସ୍କୁଲର ରୂପରେଖ ବଦଳିଛି। ଏହି ବିଦ୍ୟାଳୟରେ ଆଷ୍ଟ୍ରୋଲୋଜି ଲାଇବ୍ରେରି ନିର୍ମାଣ କରାଯାଇଛି। ଏହି ଲାଇବ୍ରେରି ପିଲାମାନଙ୍କ ମନରେ ପଠାଣି ସାମନ୍ତ ପ୍ଲାନେଟାରିୟମର ଭ୍ରମ ସୃଷ୍ଟି କରୁଛି। ଏଥିସହ ସାଇନ୍ସ ଲ୍ୟାବ୍, ଇ' ଲାଇବ୍ରେରି, ସ୍ମାର୍ଟ କ୍ଲାସ୍‌ରୁମ, ବ୍ୟାଡ୍‌ମିଣ୍ଟନ କୋର୍ଟ ସହ ବିଦ୍ୟାଳୟ ପରିସରକୁ ନୂଆରୂପ ଦିଆଯାଇଛି। ଏହା ବାଦ୍ ସ୍ୱଚ୍ଛ ପାନୀୟଜଳର ବ୍ୟବସ୍ଥା କରାଯାଇଥିବା ବେଳେ ଉନ୍ନତମାନର ଶୌଚାଳୟ ନିର୍ମାଣ କରାଯାଇଛି। ରାଜନଗର ହାଇସ୍କୁଲର ଉଦ୍‌ଘାଟନ ଉତ୍ସବରେ ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ସହକାରୀ ଯନ୍ତ୍ରୀ ଦେବରଞ୍ଜନ ବେହେରା, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ଦାସ, ସଂଘମିତ୍ରା ନାୟକ, ଭ୍ରମରବର ଦାସ, ନିରୁ କରଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ର, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।


ରାଜନଗର ହାଇସ୍କୁଲର ସ୍ମାର୍ଟ ବିଜ୍ଞାନାଗାର।

ସେହିପରି ଆଳି ବ୍ଲକ ଅଞ୍ଚଳରେ ୧୦ଟି ବିଦ୍ୟାଳୟ ରୂପାନ୍ତରୀଣ ହୋଇଛି। ଏହି ପରିପ୍ରେକ୍ଷୀରେ ମେଣ୍ଟପୁର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଛି। ବିଦ୍ୟାଳୟକୁ ନୂତନ ଭାବେ ସାଜସଜ୍ଜା କରାଯାଇଥିଲା। ଉଦ୍‌ଘାଟିତ ଶ୍ରେଣୀଗୃହ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଳିକ ଓ ପରିଚାଳନା ପରିଷଦ ସଭାପତି ବନମାଳୀ ସେନାପତିଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ଥିବା ଡିଜିଟାଲ ବୋର୍ଡ ସିଷ୍ଟମରେ ଉଦ୍‌ଘାଟନ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସେହିପରି ଉତ୍କଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ, ମହୁ ଉଚ୍ଚ ବିଦ୍ୟାଳୟ, ନମୌଜା ଉଚ୍ଚ ବିଦ୍ୟାଳୟ,ଏସ୍ କେ. ସି. ହାଇସ୍କୁଲ, ବାଟିପଡା ନୋଡାଲ ଉଚ୍ଚ ବିଦ୍ୟାଳୟ, ନୃସିଂହ ଜୀଉ ଏଡିଏମ୍ ଉଚ୍ଚ ବିଦ୍ୟାଳୟ, ଜନତା ଉଚ୍ଚ ବିଦ୍ୟାଳୟ ପାଳିମି, ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ କୁସୁମି, ଦାମୋଦର ଉଚ୍ଚ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହା ଦ୍ୱାରା ପିଲାମାନେ ସ୍ମାର୍ଟ କ୍ଲାସ୍‌ରୁମ, ଡିଜିଟାଲ ଲାଇବ୍ରେରି ଓ ବିଜ୍ଞାନାଗାରର ସୁବିଧା ପାଇବେ। ଫଳରେ ବେସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଥିବା ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ସରକାରୀ ବଦ୍ୟାଳୟକୁ ପାଠ ପଢ଼ାଇବାକୁ ଛାଡ଼ିବେ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ।

## ସମବାୟ ନିର୍ବାଚନରେ ଚଞ୍ଚକତା, ଏଆର୍‌ସିଏସ୍‌ଙ୍କୁ ଅଭିଯୋଗ

**ପାଣିକୋଇଲି, ୭।୬(ଡି.ଏନ.ଏ.)**

ଯାଜପୁର ଜିଲା ପାଣିକୋଇଲି ପ୍ରାଥମିକ କୃଷି ସେବା ସମବାୟ ସମିତି ନିର୍ବାଚନ ଆସନ୍ତା ୧୯ତାରିଖ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପାଣିକୋଇଲି ସମବାୟ ସମିତିର ୧୫ଟି ଜୋନ ମଧ୍ୟରୁ ୭ଟିରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ଓ ୮ ଟିରେ ନିର୍ବାଚନ ହେବ ବୋଲି ଗତ ୫ ତାରିଖ ନୋଟିସ ପ୍ରକାଶ ପାଇଥିଲା। ପରେ ପ୍ରାର୍ଥୀମାନେ ଭୋଟରଙ୍କୁ ଭେଟିବା ଆରମ୍ଭ କରିଛନ୍ତି। ହେଲେ ନିର୍ବାଚନ ଅଧିକାରୀ ମଙ୍ଗଳବାର ଚଞ୍ଚକତା କରି ପିଛିଲା ୫ ତାରିଖ ପକାଇ ୨ ନଂ. ଜୋନକୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଅନ୍ୟ ଏକ ନୋଟିସ ମାରିଛନ୍ତି। ନିର୍ବାଚନ ଅଧିକାରୀଙ୍କ ପରାମର୍ଶକ୍ରମେ କରୁଣାକର ମାଝି ୨ ଓ ୩ ଜୋନରୁ ଅନୁସୂଚିତ ଜାତି ବର୍ଗ ପାଇଁ ନିର୍ବାଚନ ଲଢୁଛନ୍ତି। ନାମାଙ୍କନ ଯାଞ୍ଚଠାରୁ ପ୍ରତ୍ୟାହାର ପର୍ଯ୍ୟନ୍ତ ତାଙ୍କୁ ଉଭୟ ଜୋନରୁ ଅଲଗା ଚିହ୍ନ ମିଳିଥିଲା। କିନ୍ତୁ ମଙ୍ଗଳବାର ୨ ନଂ. ଜୋନକୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନୋଟିସ ମରାଯିବା ଦେଖି କରୁଣାକର ନିର୍ବାଚନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ଏ ନେଇ ମାଝି ଯାଜପୁର ଏଆର୍‌ସିଏସ୍‌ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଆର୍‌ସିଏସ୍ ଏହା ନିର୍ବାଚନ ଅଧିକାରୀଙ୍କ ସମ୍ପୂର୍ଣ୍ଣ ତ୍ରୁଟି ବୋଲି ସ୍ୱୀକାର କରିବା ସହ ଜଣେ ଗୋଟିଏ ଜୋନରୁ ହିଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି କହିଥିଲେ।

## ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବେଡ୍‌ରେ କୁକୁର


ବେଡ ଉପରେ କୁକୁର ଶୋଇଛି।

**ଆଳି,୭।୬(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଦିନକୁ ଦିନ ଅବହେଳିତ ହୋଇପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୩୪ଟି ପଞ୍ଚାୟତର ଲକ୍ଷାଧିକ ଲୋକ ଚିକିତ୍ସା ସୁବିଧା ପାଇବା ନିମନ୍ତେ ଆସୁଛନ୍ତି। ଡାକ୍ତର ଅଭାବରୁ ଚିକିତ୍ସା ଠିକ୍ ଭାବେ ରୋଗୀମାନଙ୍କୁ ମିଳୁନି। ଯେକୌଣସି ରୋଗୀ ଆସିଲେ ସଙ୍ଗେସଙ୍ଗେ କେନ୍ଦ୍ରାପଡ଼ା ନଚେତ କଟକ ବଡ଼ ମେଡିକାଲ ରେଫର କରାଯାଉଛି। ଦୀର୍ଘଦିନ ହେବ ଏଠାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ , ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ମହିଳା ଓ ଶିଶୁମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ର କାନ୍ଥରେ ରଙ୍ଗମାରି ବାହାରକୁ ଚିକ୍କଣ ଦେଖାଯାଉଛି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଅପରପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ପାଇଁ ଥିବା ବେଡ୍‌ରେ କୁକୁର ଶୋଉଥିବା ଦେଖିବାକୁ ମିଳୁଛି। ଯେଉଁ ବେଡ୍‌ରେ ରୋଗୀଙ୍କୁ ଚିକିତ୍ସା କରାଯିବ ସେହି ସ୍ଥାନରେ କୁକୁର ଶୋଇଲେ ତାହା କେତେ ସ୍ୱାସ୍ଥ୍ୟକାରକ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି। ଡାକ୍ତର ଅଭାବ କାରଣରୁ ରୋଗୀମାନେ ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଭରସା ତୁଟାଇ ସାରିଲେଣି ବୋଲି ଅଭିଯୋଗ ହେଉଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଠାରେ ଡାକ୍ତରଙ୍କୁ ନିଯୁକ୍ତି ଦେବା ସହ କିଭଳି ରୋଗୀଙ୍କ ପାଇଁ ଉପଲବ୍ଧ ବେଡ୍‌ରେ କୁକୁର ଶୋଇଲା ତାହାର ତଦନ୍ତ କରାଯିବା ଦରକାର ବୋଲି ସାଧାରଣରେ ଦାବି ହେଉଛି।

## ଆର୍‌ଏସ୍‌ଏସ୍ ଶିବିରରେ ଯୋଗ ଦେଲେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ

**ପଟ୍ଟାମୁଣ୍ଡାଇ,୭।୬(ସ୍ୱ.ପ୍ର.)**

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ମଙ୍ଗଳବାର ପଟ୍ଟାମୁଣ୍ଡାଇ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପଣ୍ଡା ହେଲିକପ୍ଟର ଯୋଗେ ଆସି ପଟ୍ଟାମୁଣ୍ଡାଇ କଲେଜ ନିକଟ ପଡିଆରେ ଅବତରଣ କରିବା ପରେ ଭାଜପା ନେତା, କର୍ମୀ ଓ ଜନସାଧାରଣ ତାଙ୍କୁ ସ୍ୱାଗତ କରିଥିଲେ। ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଚାଲିଥିବା ଆରଏସ୍‌ଏସ୍ ଶିବିରରେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଦେଶସେବାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଏମ୍‌ପି ପଣ୍ଡାଙ୍କ ସହିତ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଜିଲା ଭାଜପା ସଭାପତି କିଶୋର ପଣ୍ଡା, ଉପସଭାପତି କୃଷ୍ଣ ପଣ୍ଡା ଓ ସଞ୍ଜୟ ସାହୁ , ନଗର ଭାଜପା ସଭାପତି ବିଶ୍ୱରଞ୍ଜନ ପାତ୍ର, ସମ୍ପାଦକ ରବୀନ୍ଦ୍ର ବିଶ୍ୱାଳ, ରାଜ୍ୟ ଭାଜପା ନାରୀନେତ୍ରୀ କଳ୍ପନା ମଲିକ, ସଂଖ୍ୟାଲଘୁ ସଙ୍ଗଠକ ଏସ୍.କେ. ସଲିମ, ପ୍ରାକ୍ତନ ନଗର ସଭାପତି ପଦ୍ମନାଭ ପଣ୍ଡା, ନଗର ମହିଳା ସଭାନେତ୍ରୀ ରଶ୍ମିତା ସାହୁ, ବିନୋଦ ଦାସ, ଉପେନ୍ଦ୍ର ନାୟକ, ସୁଶୀଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ପୂର୍ବତନ ଏମ୍‌ପି ପଣ୍ଡା ବରିଷ୍ଠ ନେତା ଡା. ବାସୁଦେବ ପାତ୍ରଙ୍କ ଘରକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ତାଙ୍କର ଅସୁସ୍ଥ ସ୍ତ୍ରୀ ଡା. ସୁଚାରୁ ହାସିନୀ ପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।


ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ପଟ୍ଟାମୁଣ୍ଡାଇ ଭାଜପାର କର୍ମକର୍ତ୍ତାମାନେ।

# ଗହୀରମଥାରେ ଦାଆ ବେଣ୍ଟିଆ

### ସୁରକ୍ଷା, ବଂଶ ବିସ୍ତାର ପାଇଁ ସଚେତନତା ଜରୁରୀ

**ମହାକାଳପଡ଼ା,୭।୬ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମୌସୁମୀ ବାୟୁ ଆଗମନ ପୂର୍ବରୁ ଦେଶୀ ଓ ବିଦେଶୀ ପକ୍ଷୀମାନଙ୍କର କୋଳାହଳ ହେଉଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ଭଳି ମୌସୁମୀ ଆଗମନ ପରେ ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କର ଆଣ୍ଡାସ୍ଥଳୀ ପାଲଟିଯାଏ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅବବାହିକାରେ ଥିବା ବିସ୍ତୀର୍ଣ୍ଣ ଲୁଣା ହେନ୍ତାଳ ଜଙ୍ଗଲ। ୧୯୯୯ ମହାବାତ୍ୟା ପରେ ଉପକୂଳ ଅଞ୍ଚଳରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା କମି ଯାଇଥିଲା। ଏବେ ସେହି ପକ୍ଷୀମାନଙ୍କ ମଧ୍ୟରେ କେତେକ ଦେଖାଯାଉଛନ୍ତି। ଗଲାବର୍ଷ ପ୍ରଥମ ଥର ପାଇଁ ବିରଳ ପ୍ରଜାତିର ନାଲି ରଙ୍ଗର ବଗ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଚଳିତବର୍ଷ ଏହି ଅଞ୍ଚଳରେ ବଗ ପ୍ରଜାତିର ଗ୍ଲସି ଆଇବିଶି (ଦାଆ ବେଣ୍ଟିଆ) ଦେଖିବାକୁ ମିଳିଛି। ତେଣୁ ବିଲୁପ୍ତ ହୋଇଯାଉଥିବା ପକ୍ଷୀମାନଙ୍କ ଉପଯୁକ୍ତ ଯତ୍ନ ନିଆଗଲେ ଏମାନଙ୍କ ବଂଶ ବିସ୍ତାର ହୋଇପାରିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।


ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ସଂଲଗ୍ନ ଗହୀରପାଟରେ ଦାଆ ବେଣ୍ଟିଆ ପକ୍ଷୀ।

ଗହୀରମଥା ଅଞ୍ଚଳରେ ନଦୀ ନାଳରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ, ଖାଲ ଜମି, ଗହୀର ପାଟ ଆଦି ସ୍ଥାନରେ ଛୋଟ ଛୋଟ ମାଛ, କଙ୍କଡା, ଗେଣ୍ଡା, ଶାମୁକା ଆଦି ମହଜୁଦ ଥିବାରୁ ପକ୍ଷୀମାନଙ୍କ ଆଗମନ ହୋଇଥାଏ। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମଙ୍ଗଳବାର ପୂର୍ବାହ୍ନରେ ଦାଆବେଣ୍ଟିଆ ଦେଖିବାକୁ ମିଳିଛି। ସାଧାରଣ ବଗଗୁଡ଼ିକ ଶିକାରୀକୁ ଦେଖିବା ପୂର୍ବରୁ ଉଡ଼ି ଯାଇଥାନ୍ତି। କିନ୍ତୁ ଦାଆ ବେଣ୍ଟିଆଗୁଡିକ ଟିକେ ଶବ୍ଦ ଶୁଣି ନିଜକୁ ସୁରକ୍ଷିତ ରଖିବାକୁ ବେକକୁ ଡେଣା ଭିତରେ ପୂରାଇ ଗୋଲାକାର ହୋଇଯାଆନ୍ତି। କଳା ରଙ୍ଗର ହୋଇଥିବାରୁ ଗଛର ପତ୍ର ଉହାଡରେ ନିଜକୁ ସୁରକ୍ଷିତ ରଖିଥାଏ। ଏହି ଦାଆ ବେଣ୍ଟିଆଙ୍କ ସୁରକ୍ଷା ଦିଗରେ ବନ ବିଭାଗ ପକ୍ଷରୁ ଦୃଷ୍ଟି ଦେବାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। କାରଣ ଏହି ଅଞ୍ଚଳରେ ଶିକାରୀମାନଙ୍କ ପ୍ରାଦୁର୍ଭାବ ଅଧିକ ରହିଛି। ବିଗତଦିନରେ ବଗ ଶିକାର କରି ବତୀଘର ଅଞ୍ଚଳର ଜଣେ ଶିକାରୀ ଗିରଫ ହୋଇଥିଲେ। ତେଣୁ ଯେପରି ବିଷ ଓ ଫାଶ ଦେଇ ପକ୍ଷୀମାନଙ୍କୁ ଶିକାର କରା ନ ଯାଏ ସେଥିପ୍ରତି ବନ ବିଭାଗ ପକ୍ଷରୁ ଯତ୍ନବାନ ହେବାକୁ ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି। ଅପରପକ୍ଷରେ ପକ୍ଷୀ ପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କୁହନ୍ତି, ଏହା ଆମ ଦେଶୀୟ ପକ୍ଷୀ। ପ୍ରଥମଥର ପାଇଁ ଏହି ଅଞ୍ଚଳରେ ଦେଖା ଯାଇଥିବାରୁ ସେମାନଙ୍କ ସୁରକ୍ଷା, ବଂଶ ବିସ୍ତାର ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଏମାନଙ୍କ ଉପରେ ଯେପରି ନ ପଡେ ସେଥିପାଇଁ ବନ ବିଭାଗ ଲୋକମାନଙ୍କୁ ସଚେତନ କରିବା ଦରକାର। ଯଦି ଏମାନଙ୍କ ବଂଶ ବିସ୍ତାର ପ୍ରତି ଯତ୍ନ ନିଆଯାଏ, ତେବେ ଏହାକୁ ଦେଖିବାକୁ ଦିନେ ପର୍ଯ୍ୟଟକ ଓ ପକ୍ଷୀ ବିଶାରଦଙ୍କ ପେଣ୍ଠସ୍ଥଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ପାଲଟିବ। ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ମାନସ କୁମାର ଦାସଙ୍କୁ ପଚାରିବାରେ ଏହି ପକ୍ଷୀଙ୍କୁ ଗ୍ଲସି ଆଇବିଶି (ଦାଆ ବେଣ୍ଟିଆ) ବୋଲି ସେ କହିଛନ୍ତି।

# ୨୦ ମନ୍ଦିରରେ ବଜ୍ରପାତ ପ୍ରତିରୋଧକ ବ୍ୟବସ୍ଥା ନାହିଁ

■ ଲାଗିଲା ନାହିଁ ଲାଇଟ୍ ଆରେଷ୍ଟର, ଡବଲ ଆର୍ଥିଂ

■ ଜଗନ୍ନାଥ ମନ୍ଦିର ଅଁଳାବେଢ଼ା ନଷ୍ଟ ପରେ ବି ପଶିଲାନି ଚେତା

ନୟାଗଡ଼ ଅଫିସ,୭।୬

ନୟାଗଡ଼ ଦେବୋତ୍ତର ବିଭାଗ ଅଧୀନରେ ଥିବା ଶରଣକୂଳ ଲଡୁବାବା ମନ୍ଦିର, ଓଡ଼ଗାଁର ରଘୁନାଥ ମନ୍ଦିର ପରି ୨୧ ମନ୍ଦିରରୁ ୨୦ ମନ୍ଦିରରେ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା ନାହିଁ। ବଜ୍ରପାତ ଘଟିଲେ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବ । ଆଜକୁ ୧୧ ବର୍ଷ ତଳେ ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିରରେ ବଜ୍ରପାତ ଘଟି ଅଁଳାବେଢ଼ା ଭାଙ୍ଗି ଯାଇଥିଲା । ଏହା ପରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କେବଳ ଜଗନ୍ନାଥ ମନ୍ଦିରରେ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା କରାଯାଇଥିଲା । ଅନ୍ୟ ମନ୍ଦିରରେ ଦେବୋତ୍ତର ବିଭାଗର ପକ୍ଷରୁ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା କରାଯିବ ବୋଲି ତତ୍କାଳୀନ ଉପଜିଲାପାଳ କହିଥିଲେ । ହେଲେ ଇତିମଧ୍ୟରେ ୧୧ ବର୍ଷ ବିତିଛି । ଆଜି ପର୍ଯ୍ୟନ୍ତ ଅନ୍ୟ ୨୦ ମନ୍ଦିରରେ ବଜ୍ରପାତ ପ୍ରତିରୋଧର କୌଣସି ବ୍ୟବସ୍ଥା ନାହିଁ।

୨୦୧୧ ମେ ୩ ଅପରାହ୍ନ ସାଢ଼େ ୫ଟାରେ ଝିପିଝିପି ବର୍ଷା ହେବା ସହ ବଜ୍ରପାତ ହୋଇଥିଲା । ଏଥିରେ ପୁରୁଣା ସହରରେ ଥିବା ଜଗନ୍ନାଥ ମନ୍ଦିରର ଅଁଳାବେଢ଼ାର କିଛି ଅଂଶ ଭାଙ୍ଗି ଯାଇଥିଲା । ଦଧିନଉତି ତଳେ ଥିବା ଅଁଳାବେଢ଼ାରୁ ପଥର ଖସି ମନ୍ଦିରର ଉତ୍ତର ଓ ଦକ୍ଷିଣ ଦିଗରେ ପଡିଥିଲା । ଦକ୍ଷିଣ ଦିଗରେ ୩ଟି ଲୁହାର ଶିକୁଳି ମଧ୍ୟ ଖସି ପଡିଥିଲା । ଏପରି କି ମନ୍ଦିର ଭିତର ପାର୍ଶ୍ୱର ବିଦ୍ୟୁତ୍ ସଂଯୋଗ ବଜ୍ରପାତରେ ନଷ୍ଟ ହୋଇ ଯାଇଥିଲା । ଏନେଇ ତତ୍କାଳୀନ ଉପଜିଲାପାଳ ମାନସ ରଞ୍ଜନ ଦେବତା କହିଥିଲେ ନୟାଗଡ଼ ଦେବୋତ୍ତର ବିଭାଗ ଅଧୀନରେ ଥିବା ମନ୍ଦିରଗୁଡ଼ିକରେ ଖୁବ୍‌ଶୀଘ୍ର ବଜ୍ରପାତ ଆଘାତ ପ୍ରତିରୋଧକ ବ୍ୟବସ୍ଥା ସ୍ୱରୂପ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ଖୁବ୍ ଶୀଘ୍ର ଲଗାଯିବ । ସେହିବର୍ଷ ଜୁଲାଇରେ କେବଳ ଜଗନ୍ନାଥ ମନ୍ଦିରରେ ୧ଲକ୍ଷ ୧୭ ହଜାର ଟଙ୍କାରେ



ବ୍ୟୟ କରାଯାଇ ମରାମତି କରାଯିବ ସହ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା କରାଯାଇଥିଲା । ହେଲେ ଅନ୍ୟ କୌଣସି ମନ୍ଦିରରେ ସେହି ବ୍ୟବସ୍ଥା କରାଯାଇ ନ ଥିଲା ।

ଅନ୍ୟପକ୍ଷେ ନୟାଗଡ଼ ଜଗନ୍ନାଥ ମନ୍ଦିର ଉପର ଅଁଳାବେଢ଼ା ଓ ବିଭିନ୍ନ ସ୍ଥାନରେ ବର, ଅଶ୍ୱତ୍ଥ ଗଛ ଉଠି ମନ୍ଦିର ନଷ୍ଟ ହେବା ଆରମ୍ଭ କରିଛି । ପୁଣି ଏହାର ପ୍ରାଚୀରରେ ଅନୁରୂପ ଭାବେ ଗଛ ଉଠି ଭୁଶୁଡିବା ଆରମ୍ଭ କରିଛି । ହେଲେ ଦେବୋତ୍ତର ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ, ନୟାଗଡ଼ ରାଜବଂଶର ୨୧ତମ ରାଜା ବିନାୟକ ସିଂ ମାନ୍ଧାତା ୧୭୮୮ରୁ ୧୮୦୮ ମଧ୍ୟରେ ଏହି ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ମନ୍ଦିର ଦେଉଳ, ଜଗମୋହନ ଓ ମୁଖଶାଳାକୁ ନେଇ ଜଗନ୍ନାଥ ମନ୍ଦିର ନିର୍ମିତ । ଦେଉଳର ଉଚ୍ଚତା ୧୨୦ଫୁଟ । ଏହା ବଉଳମାଳା ପଥରରେ ପଞ୍ଚ ରଥ ଶୈଳୀରେ ନିର୍ମିତ। ମନ୍ଦିରରେ ପାର୍ଶ୍ୱଦେବତା ରୂପେ ନୃସିଂହ ,ବାମନ ଓ ବରାହ ବିଦ୍ୟମାନ। ଏହି ମନ୍ଦିରର ଜଗନ୍ନାଥଙ୍କ ମୂର୍ତ୍ତି ବାହାଡାଝୋଲାରୁ, ବଳଭଦ୍ରଙ୍କ ମୂର୍ତ୍ତି ମନ୍ଦିର ପାଖ କୂଅ ମୂଳରୁ ଓ ସୁଭଦ୍ରାଙ୍କୁ ଓଡ଼ଗାଁରୁ ଆଣି ଏଠାରେ ପୂଜା କରାଯାଉଛି । ଗତ କିଛି ମାସ ତଳେ ମନ୍ଦିର ବେଢ଼ାରେ ଲକ୍ଷ୍ମୀଙ୍କ ମନ୍ଦିର ତିଆରି ହୋଇଛି । ଏଠାରେ ରଥଯାତ୍ରା ଓ ବାହୁଡା ଯାତ୍ରା ମହା ସମାରୋହରେ ପାଳିତ ହେଉଛି । ଏପରି ସ୍ଥିତିରେ ନୟାଗଡ଼ ଜିଲାର ସଦର ମହକୁମା ଜଗନ୍ନାଥଙ୍କ ମନ୍ଦିର ଓ ପ୍ରାଚୀର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ପଡିବାକୁ ବସିଛି ।

ଏନେଇ ନୟାଗଡ଼ ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ବଜ୍ରପାତ ପରେ ୨୦୧୧ରେ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ କରାଯାଇଛି । ଅନ୍ୟ ମନ୍ଦିରର କରାଯାଇନି । ଅନ୍ୟପକ୍ଷେ ମହୁଫେଣା ଯୋଗୁ ମନ୍ଦିରରୁ ବର ଓ ଅଶ୍ୱତ୍ଥ ଗଛକୁ କଟାଯାଇ ମରାମତି କରାଯାଇ ପାରୁନି । ରଥଯାତ୍ରା ପୂର୍ବରୁ ସେହି କାମ କରାଯିବ ବୋଲି କହିଛନ୍ତି । ଉପଜିଲାପାଳ ଲଗ୍ନଜିତ୍ ରାଉତ କୁହନ୍ତି, ଦେବାତ୍ତେର ବିଭାଗ ପକ୍ଷରୁ ମନ୍ଦିରରେ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ହୋଇଛି କି ନାହିଁ ଜାଣି ନ ଥିଲି । ବଜ୍ରପାତରୁ ମନ୍ଦିରର ସୁରକ୍ଷା ପାଇଁ ଲାଇଟ୍ ଆରେଷ୍ଟର ଓ ଡବଲ ଆର୍ଥିଂ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ଅପରପକ୍ଷେ ମନ୍ଦିର ଉପରୁ ବର ଓ ଅଶ୍ୱତ୍ଥ ଗଛ କାଟି ତୁରନ୍ତ ମରାମତି କରିବାକୁ ଦେବୋତ୍ତର ମ୍ୟାନେଜରଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଉପଜିଲାପାଳ କହିଛନ୍ତି ।

# ୧୪ରେ କଂଗ୍ରେସର ସଂକଳ୍ପ ଶିବିର



ଜିଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ।

ନୟାଗଡ଼ ଅଫିସ,୭।୬

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୧୧ରୁ ୧୪ ତାରିଖ ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଜିଲାରେ ଦିନିକିଆ ସଂକଳ୍ପ ଶିବିର ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ନୟାଗଡ଼ରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୪ରେ ଦିନିକିଆ ସଂକଳ୍ପ ଶିବିରରେ ଜିଲାର ସମସ୍ତ ବରିଷ୍ଠ ନେତୃବୃନ୍ଦ, ଏଆଇସିସି ସଭ୍ୟ, ପିସିସି ସଭ୍ୟ, ପୂର୍ବତନ ପିସିସି କାର୍ଯ୍ୟକର୍ତ୍ତା, ବ୍ଲକ କଂଗ୍ରେସ କମିଟି, ଛାମୁଆ ସଙ୍ଗଠନ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସଂଖ୍ୟାଲଘୁ ସେଲ, ସୋସିଆଲ ମିଡ଼ିଆ ଟିମ୍, ଆରଜିପିଆରଏସ୍, ଆଦିବାସୀ/ହରିଜନ ସେଲ,କୃଷକ କଂଗ୍ରେସ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେବେ । ଦଳର ସମସ୍ତ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି । ପ୍ରସ୍ତୁତି ବୈଠକରେ ପିସିସି ସମ୍ପାଦକ ହୁସେନ ଖାଁ, ପିସିସି ସଭ୍ୟ ସରୋଜ ପରିଡ଼ା,ଆରଜିପିଆରଏସ୍ ଜିଲା ସଂଯୋଜକ ସୁକାନ୍ତ ଶତପଥୀଙ୍କ ସମେତ ବ୍ଲକ ସଭାପତି, ବିଭିନ୍ନ ଛାମୁଆ ସଙ୍ଗଠନ ମୁଖ୍ୟମାନେ ଉପସ୍ଥିତ ଥିଲେ । ନୟାଗଡ଼ ଜିଲା ପାଇଁ ବରିଷ୍ଠ ନେତା ମନୋରଞ୍ଜନ ଦାସଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ଚାଷୀଙ୍କ ବିଦ୍ୟୁତ୍ ବିଲ୍ ୧ଲକ୍ଷ ୨୯ ହଜାର

#### ଏସ୍‌ଡିଓଙ୍କୁ ଭେଟି ଦୁଃଖ ଜଣାଇଲେ

ନୟାଗଡ଼ ଅଫିସ,୭।୬: ନୟାଗଡ଼ ଜିଲା ଶରଣକୁଳ ନିକଟସ୍ଥ କରଡ଼ା ରଘୁନାଥପୁର ବ୍ରାହ୍ମଣ ଶାସନର ଚାଷୀ ରଷି ପ୍ରଧାନଙ୍କ ବିଦ୍ୟୁତ୍ ବିଲ୍ ୧ ଲକ୍ଷ ୨୯ ହଜାର ୫୮୯ ଟଙ୍କା ଆସିଛି । ଗତ କିଛି ମାସ ହେଲା ବର୍ଦ୍ଧିତ ବିଲ୍ ଆସୁଥିଲେ ମଧ ଏନେଇ ପ୍ରତିବାଦ, ଅଭିଯୋଗ କରିବା ପରେ ବି ସୁଫଳ ମିଳୁନି। ଶେଷରେ ଚାଷୀ ବିଦ୍ୟୁତ୍ ବିଭାଗର ଏସ୍‌ଡିଓଙ୍କୁ ଭେଟି ଏହି ବିବାଦର ସମାଧାନ କରିବାକୁ ଅନୁରୋଧ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ରଷି ପ୍ରଧାନ କୁଟୀର ଜ୍ୟୋତି ଯୋଜନାରେ ପ୍ରାୟ ୨୫ ବର୍ଷ ତଳେ ବିଦ୍ୟୁତ୍ ସଂଯୋଗ ପାଇଥିଲେ। ତାଙ୍କ ପରିବାର ଲୋକେ ଆବଶ୍ୟକ ଅନୁଯାୟୀ ବିଦ୍ୟୁତ୍ ବ୍ୟବହାର କରିଥାଆନ୍ତି। ପ୍ରତି ମାସରେ ସେ ତାଙ୍କର ଦେୟ ପଇଠ କରିଥାନ୍ତି । ତେବେ ତାଙ୍କ ନାମରେ ଏପରି ବର୍ଦ୍ଧିତ ବିଲ୍ ଆସୁଛି । ସେ ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ପାଇ ନ ଥିଲେ । ଏସ୍‌ଡିଓଙ୍କୁ ଭେଟିବା ପରେ ବିଦ୍ୟୁତ୍ ବିଲ୍ ସମସ୍ୟା ସମାଧାନ ହୋଇଯିବ ବୋଲି କହିଛନ୍ତି। ତେବେ ସେ ଏ ବାବଦରେ କୌଣସି ଟଙ୍କା ଦେଇ ପାରିବେ ନାହିଁ ବୋଲି କହିଛନ୍ତି । କାରଣ ସେ ପ୍ରତିମାସରେ ଯେତିକି ବିଲ୍ ଆସୁଛି ତାକୁ ଦେଇ ଆସୁଛନ୍ତି ବୋଲି ରଷି କହିଛନ୍ତି ।

# କୁବେଲି ଗ୍ରାମରେ କୃଷକ ସମ୍ପର୍କ ମେଳା

ଖଣ୍ଡପଡ଼ା,୭।୬(ସ୍ୱ.ପ୍ର.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଅଧୀନ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ, କୃଷି ବିଭାଗ ଓ ନୟାଗଡ଼ସ୍ଥିତ କୃଷି ଅଞ୍ଚଳକେନ୍ଦ୍ରର ମିଳିତ ସହଯୋଗରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗଡ଼ିଆସାହି ପଞ୍ଚାୟତର କୁବେଲି ଗ୍ରାମରେ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମନମୋହନ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଇଂ. ମହିତୋଷ ଗିରି ପ୍ରମୁଖ ଯୋଗଦେଇ କୃଷିକ୍ଷେତ୍ରରେ ଉନ୍ନତ ବଳଦ ଟଣା ଯନ୍ତ୍ରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେହିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଜୈବିକ କୃଷି ଉପରେ ଅଧିକ ଗୁରୁତ୍ୱ ଦେଲେ ଲାଭବାନ ହୋଇପାରିବେ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଇଂ. ସୁଚିସ୍ମିତା ଦ୍ୱିବେଦୀ କୃଷିକ୍ଷେତ୍ରରେ ଆବଶ୍ୟକ ଯୋଗ୍ୟ ବିଭିନ୍ନ ଆଧୁନିକ ଯନ୍ତ୍ରପାତିର ବ୍ୟବହାର



କୃଷକ ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଚାଷ ଜମିର ଉର୍ବରତା ବୃଦ୍ଧି ନିମନ୍ତେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସହ ଉନ୍ନତମାନର ଯନ୍ତ୍ରପାତିର ବ୍ୟବହାରର ଆବଶ୍ୟକତା ଥିବାରୁ ସମସ୍ତ ଚାଷୀ ସରକାରଙ୍କ ପକ୍ଷରୁ ରିହାତି ଦରରେ ମିଳୁଥିବା ଯନ୍ତ୍ରପାତି କ୍ରୟ କରି କୃଷି କ୍ଷେତ୍ରରେ ବିନିଯୋଗ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । କୃଷିଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଛାତ୍ର ରୋହନ ସାହୁ, ବିଶ୍ୱଜିତ୍ ନାୟକ ଓ ଛାତ୍ରୀ ପ୍ରଲିପ୍ତା ଦାସ ପ୍ରମୁଖ ମେଳାରେ ଯୋଗଦେଇଥିବା କୃଷକମାନଙ୍କ ସହ ଆଲୋଚନା କରିଥିଲେ। କୃଷକ ସାଥୀ ନାରାୟଣ ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଆଖପାଖ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଏହି ମେଳାରେ ଯୋଗଦେଇଥିଲେ ।

# ମାଳିସାହି ୫-ଟି ସ୍କୁଲର ଭିଡିଓଗ୍ରାଫି ସ୍ଥଗିତ

## ଅଧାପନ୍ତରିଆ କାମର ଭିଡିଓଗ୍ରାଫିକୁ ଲୋକଙ୍କ ବିରୋଧ

ନୂଆଗାଁ,୭।୬(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ମାଳିସାହି ଗତିକେଶ ସରକାରୀ ବିଦ୍ୟାଳୟର ଭିଡିଓଗ୍ରାଫି ମଙ୍ଗଳବାର ହେବାକୁ ଥିଲା । ହେଲେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ବ୍ଲକ ପ୍ରଶାସନ ସେହି କାମକୁ ସ୍ଥଗିତ ରଖିଛି । ରୂପାନ୍ତରଣ କାମ ସମ୍ପୂର୍ଣ୍ଣ ହେବା ପରେ ଭିଡିଓଗ୍ରାଫି ଓ ଉଦ୍‌ଘାଟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକରେ ସରକାରଙ୍କ ୫-ଟି ଯୋଜନାରେ ରୂପାନ୍ତରଣ ସ୍କୁଲ କାମ ସମ୍ପୂର୍ଣ୍ଣ ହେବା ପରେ ଏକ ଭିଡିଓଗ୍ରାଫି କରି ୫-ଟି ସଚିବଙ୍କ ନିକଟକୁ ପଠାଇବାର ନିର୍ଦ୍ଦେଶ ରହିଛି । ସେହି ଅନୁସାରେ ମହିପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟ ଶେଷ ହୋଇନାହିଁ । ଅନ୍ୟପକ୍ଷେ ନିମ୍ନମାନର କାମ କରି ତରବରିଆ ଭାବେ ଛୁଟି ଦିନରେ ତାହାର ଭିଡିଓଗ୍ରାଫି କରିବା ପାଇଁ ଯୋଜନା କରାଯାଇଥିଲା । ଏ ସଂକ୍ରାନ୍ତରେ ଖବର ପାଇ ଅଞ୍ଚଳବାସୀ ଭିଡିଓଗ୍ରାଫିକୁ ବିରୋଧ କରିବାରୁ ବ୍ଲକ ପ୍ରଶାସନର ଯନ୍ତ୍ରୀମାନଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା । ସେହିପରି ମାଳିସାହି ପଞ୍ଚାୟତର ଗତିକେଶ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ମଙ୍ଗଳବାର ତାହାର ଭିଡିଓଗ୍ରାଫି କରିବା ପାଇଁ ଯୋଜନା କରି ଛାତ୍ରୀଛାତ୍ରମାନଙ୍କୁ ଡକାଯାଇଥିଲା । କିନ୍ତୁ ସୋମବାର ବିଡିଓ ସେହି ସ୍କୁଲକୁ କାମ ଦେଖିବାକୁ ଯାଇଥିଲେ । ଏହି ସମୟରେ ସ୍କୁଲ ପରିଚାଳନା କମିଟି ସଭ୍ୟମାନେ ଭିଡିଓଗ୍ରାଫିକୁ ବିରୋଧ କରିବା ସହ କାର୍ଯ୍ୟ ଶେଷ ହେଲେ ଭିଡିଓଗ୍ରାଫି କରାଯିବ ବୋଲି କହିଥିଲେ । ଫଳରେ ବ୍ଲକ ପ୍ରଶାସନର ଯୋଜନା ବନ୍ଦ ରହିଥିଲା । ଏ ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଲୋକଙ୍କ ମତ ଅନୁସାରେ କାମ କରାଯିବ ବୋଲି କହିଛନ୍ତି ।




ଗତିକେଶ ସରକାରୀ ବିଦ୍ୟାଳୟ ।

# ଅଭିଭାବକ ସଂଘର ଆନ୍ଦୋଳନ ଧମକ

## ଆଦର୍ଶ ବିଦ୍ୟାଳୟ ସମସ୍ୟା ସମାଧାନ ଦାବି

ଖଣ୍ଡପଡ଼ା,୭।୬(ସ୍ୱ.ପ୍ର.)

ଖଣ୍ଡପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଅଦ୍ୟାବଧି ୬ଷ୍ଠ, ୭ମ, ୮ମ ଓ ୯ମ ଶ୍ରେଣୀରେ ସର୍ବମୋଟ ୩୨୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଚଳିତ ଶିକ୍ଷାବର୍ଷ ଆରମ୍ଭରେ ୯ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ୧୦ମ ଶ୍ରେଣୀରେ ପାଠ ପଢ଼ିବେ । ତେଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଅଧିକ ସଂଖ୍ୟକ ନିଯୁକ୍ତି ଦେବାକୁ ଅଭିଭାବକ ସଂଘ ପକ୍ଷରୁ ଦାବି ହେଉଛି । ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ରାବାସ ନ ଥିବାରୁ ଛାତ୍ରୀଛାତ୍ରମାନେ ଅନ୍ୟତ୍ର ଭଡ଼ାରେ ରହୁଛନ୍ତି । ତୁରନ୍ତ ଛାତ୍ରାବାସ ନିର୍ମାଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଏହାବ୍ୟତୀତ ବିଦ୍ୟାଳୟ ପରିସରରେ କ୍ରୀଡ଼ାଙ୍ଗନ ନିର୍ମାଣ, ପରିଚାଳନା କମିଟି ଗଠନ ନେଇ ଅଭିଭାବକ ସଂଘ ପକ୍ଷରୁ ଦାବି ହୋଇଛି । ଆସନ୍ତା ୧୫ଦିନ ମଧ୍ୟରେ ଉପରୋକ୍ତ ସମସ୍ୟାର ସମାଧାନ ଦିଗରେ ଜିଲା ପ୍ରଶାସନ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଧ୍ୟାନ ନ ଦେଲେ ଅଭିଭାବକ ସଂଘ ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ଶିଶୁଙ୍କ ସ୍ୱାର୍ଥକୁ ବ୍ଲକ ପ୍ରଶାସନର ଅଣଦେଖା



ସ୍କୁଲ ବାରଣ୍ଡାରେ କୋମଳମତି ଶିଶୁ ।



ଭୁଶୁଡିବାକୁ ବସିଛି ଅର୍ଦ୍ଧ ନିର୍ମିତ ଅଙ୍ଗନୱାଡ଼ି ଗୃହ ।

ନୂଆଗାଁ,୭।୬(ଡି.ଏନ.ଏ.)

କୋମଳମତି ଶିଶୁମାନଙ୍କ ଶାରିରୀକ, ମାନସିକ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ସେଥିପାଇଁ ସରକାର ଅଙ୍ଗନୱାଡ଼ି କେନ୍ଦ୍ର ଖୋଲି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବା ସହ ଖେଳକୁଦ ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି । କିନ୍ତୁ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଅସହଯୋଗ ଯୋଗୁ ଏହି ଯୋଜନାରେ ସୁଫଳ ମିଳିନାହିଁ। ଶିଶୁମାନଙ୍କ ସ୍ୱାର୍ଥକୁ ବ୍ଲକ୍ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏପରି କି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ପାଇଁ ସରକାର ଅନୁଦାନ ପ୍ରଦାନ କରୁଥିଲେ ମଧ୍ୟ ବ୍ଲକ୍ ପ୍ରଶାସନ ସେଥିପ୍ରତି ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଫଳରେ ଦୀର୍ଘବର୍ଷ ପରେ ବି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇ ପାରୁ ନ ଥିବା ହୋଇଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଗାଁରେ ଏହି ସମସ୍ୟା ଚିନ୍ତାର କାରଣ ହୋଇଛି ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକରେ

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ବିଳମ୍ବ

ମୋଟ୍ ୧୬୮ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ୧୦୨କେନ୍ଦ୍ରର ନିଜସ୍ୱ ଗୃହ ଅଛି। ୪୪ କେନ୍ଦ୍ରର ଗୃହ ନିର୍ମାଣ ଚାଲିଛି। ଅବଶିଷ୍ଟ ୨୨କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ନିର୍ମାଣ ଚାଲଥିବା ୪୪ କେନ୍ଦ୍ର ମଧ୍ୟରୁ ଉଦୟପୁର ପଞ୍ଚାୟତର କୋଶଲାଙ୍ଗ କେନ୍ଦ୍ର ପାଇଁ ସ୍କୁଲ ପରିସରରେ ଦୀର୍ଘ ୩ ବର୍ଷ ହେଲା ବିଭିନ୍ନ ସାମଗ୍ରୀ ପକାଇ ଠିକାଦାର ଚୁପ ବସିଛନ୍ତି। ସେହିପରି ନଇତଇଲା କେନ୍ଦ୍ରର ନିର୍ମାଣ କାମ ଅଧାରେ ରହିଛି । ନିମ୍ନମାନର କାମ ଯୋଗୁ ତାହା ଭୁଶୁଡି ପଡ଼ିବାକୁ ବସିଛି । ମୀନାଗାଡ଼ିଆ, ମହିତମା , ଆଛୁପଡା ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଅଧାରେ ରହିଥିବା ବେଳେ ଶିଶୁମାନେ କେଉଁ ସ୍କୁଲ ବାରଣ୍ଡା ତ କାହା ଘର ବାରଣ୍ଡାରେ ବସି ପାଠ ପଢୁଛନ୍ତି । ବହୁ କେନ୍ଦ୍ରର ନିର୍ମାଣ କାମ ୨୦୧୮ରୁ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରୁନାହିଁ । ଉକ୍ତ କାର୍ଯ୍ୟର କାର୍ଯ୍ୟାଦେଶ ଯନ୍ତ୍ରୀଙ୍କ ନାମରେ ରହିଥିବା ବେଳେ ଠିକାଦାରଙ୍କ ମାଧ୍ୟମରେ କାମ କରାଯାଉଛି । ଯନ୍ତ୍ରୀମାନେ ଅନ୍ୟାନ୍ୟ କାମକୁ ଗୁରୁତ୍ୱ ଦେଉଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ଠିକାଦାରଙ୍କୁ କାମ କରିବା ଦାୟିତ୍ୱ ଦିଆଯାଇଛି । କିନ୍ତୁ ସେମାନେ କରୁନାହାନ୍ତି । ଏଣିକି ଆମେ ସେଥିପ୍ରତି ସମ୍ପୂର୍ଣ୍ଣ ଦୃଷ୍ଟି ଦେବୁ ବୋଲି ସେ କହିଛନ୍ତି ।

# ଆଜି ୬୦ ସ୍ମାର୍ଟସ୍କୁଲର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ନୟାଗଡ଼ ଅଫିସ/ଭାପୁର, ୭।୬(ଡି.ଏନ୍.ଏ.)

ନୟାଗଡ଼ ଜିଲାର ୬୦ ହାଇସ୍କୁଲର ରୂପାନ୍ତରିତ କାର୍ଯ୍ୟକୁ ଭିଡିଓ କନଫେରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ବୁଧବାର ଲୋକାର୍ପଣ କରିବେ । ବୁଧବାର ଅପରାହ୍ନ ୫ଟାରେ ଲାଠିପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ପୋମା ଟୁଡୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ସ୍କୁଲର ଲୋକର୍ପଣ କରିବାର କାର୍ଯ୍ୟକ୍ରମ ରହିଛି ।

ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରେ ଆସିଥିବା ଅନୁଦାନରେ ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବିଜ୍ଞାନଗାର, ଇ-ଲାଇବ୍ରେରୀ, ଖେଳପଡିଆ, ସୁଦୃଶ ତୋରଣ, ଶୌଚାଳୟ, ଆସବାବପତ୍ର, ପ୍ରାଚୀର ଆଦି ନିର୍ମାଣ କରାଯାଇଛି । ସ୍ମାର୍ଟ କ୍ଲାସରୁମ୍‌ରେ ସାଇନ୍ସ ଲ୍ୟାବ, ସ୍ମୋର୍ଟ ରୁମ୍‌ର ବ୍ୟବସ୍ଥା ଅଛି । ଭାପୁର ବ୍ଲକରେ ଗୋଳାପୋଖରୀ, ପଦ୍ମାବତୀ, ମାଧପୁର ଓ ବିଜିପୁରର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରହିଛି । ସେହିପରି ଦଶପଲ୍ଲା ବ୍ଲକର ନଛିପୁର, କୁଲୁରୁକୁମ୍ପା, ଓଳିସାହି, ଦୁଡା, ହନୁମନ୍ତ ହାଇସ୍କୁଲ ପରି ୫ ସ୍କୁଲ ଅଛି। ଗଣିଆ ବ୍ଲକର କିଶୋରପ୍ରସାଦ, ଛାମୁଣ୍ଡିଆ, ଆଡକଟା, ରାସଙ୍ଗ, ବେଲପଡାପାଟଣା ହାଇସ୍କୁଲ ଥିବାବେଳେ ଖଣ୍ଡପଡା ବ୍ଲକର ଯୋଗିଆପଲ୍ଲୀ, ଶିଖରପୁର, ନଟବରପୁର ଶାସନ ଗଡିଆସାହି, କୋସକା, ଢ଼ୋଲମରା, ସିଦ୍ଧାମୂଳା, କଣ୍ଟିଲୋ ହାଓ୍ୱୁଲ ସମେତ ଓଡିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡାର ରହିଛି । ନୟାଗଡ ବ୍ଲକର ବାଉଁଶିଆପଡା, ବଡପଣ୍ଡୁସର, ଶଙ୍ଖେଇ, ଜେମାଦେଇପୁର ପାଟଣା, ଲାଠିପଡା, ମାଛିପଡା, ବିରୁଡା, ବାଲୁଗାଁ, ଗୋବିନ୍ଦପୁର ହାଇସ୍କୁଲ ସମେତ ଓଡିଶା ଆଦର୍ଶ ବିଦ୍ୟାଳୟ ନୋଡର ଅଛି । ନୂଆଗାଁ ବ୍ଲକର ନୂଆଗାଁ, ମହିପୁର, ବକଳବନ୍ଧ, ବାହାଡାଝୋଲା, ସମ୍ପଡା, ସିକ୍ରିଡା, ଡିମିରିଝରୀ, ମାଳିସାହି, ଗାତେରୀ ହାଇସ୍କୁଲ ଥିବାବେଳେ ଓଡଗାଁ ବ୍ଲକରେ ରୋହିବାଙ୍କ, ନନ୍ଦିଘୋର, ପଞ୍ଚରିଡା ମାନପୁର, ଶରଣକୁଳ, କୋମଣ୍ଡ, ବାଉଁଶ ଗାଡିଆ, ବାଙ୍କତରା, କଜଳାଇପଲ୍ଲୀ, ପାଣ୍ଡେରୀପଡାଟେ, ଗୋଡିପଡା, ବଡଗୋରଡା, ସୋଲାପଟା ହାଇସ୍କୁଲ ରହିଥିବାବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ ଆଖୁପଦର ଲୋକର୍ପଣ ହେବ। ରଣପୁର ବ୍ଲକର ବ୍ରଜରାଜପୁର, ରଣପୁର, ରାଜସୁନାଖଳା, ଦର୍ପନାରାୟଣପୁର, ମହିଆଖଣ୍ଡ, ଅର୍ଜୁନପୁର ରାୟପଡା ହାଇସ୍କୁଲ ଅନୁରୂପ ଭାବେ ଲୋକର୍ପଣ ହେବ ।

## ସଂକ୍ଷେପରେ

### ଦୁର୍ଘଟଣା ଘଟାଇଥିବା ମିନିବସ୍ ଡ୍ରାଇଭର କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୭।୬: ଦୁର୍ଘଟଣା ପରେ ଫେରାର ଥିବା ବସ ଡ୍ରାଇଭର ସଞ୍ଜୟ କୁମାର ବେହେରାଙ୍କୁ ଟ୍ରାଫିକ ପୋଲିସ ଗିରଫ କରିଛି। ମାମଲା ନମ୍ବର ୧୯/୨୨ରେ ସଞ୍ଜୟଙ୍କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସୋମବାର ଅପରାହ୍ଣରେ ଅଟୋଚାଳକ ଚିତ୍ତରଞ୍ଜନ ଦାସ ଅଟୋ (ନଂ ଓଡ଼ି ୦୭ଏନ ୭୮୧୮) ରେ ବିଏମ୍‌ସି କାର୍ଯ୍ୟାଳୟରୁ ଦୁଇ ଜଣ ଯାତ୍ରୀଙ୍କୁ ନେଇ ଖୋଡାସିଙ୍ଗି ଯାଉଥିଲେ। ଗଜପତିନଗର ଛକ ନିକଟରେ ବ୍ରହ୍ମପୁରରୁ ଛତ୍ରପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ମିନି ବସ (ନଂ ଓଡ଼ି ୦୭ପି ୭୦୭୭) ତାଙ୍କ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅଟୋ ଚାଳକ ଚିତ୍ତରଞ୍ଜନ ଓ ଅଟୋରେ ଥିବା ୨ ମହିଳା ଆହତ ହୋଇଥିଲେ। ଘଟଣା ପରେ ବସ ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍ ଜବତ କରିଥିଲା। ପରେ ଅଟୋ ଚାଳକଙ୍କ ସ୍ତ୍ରୀ ମନ୍ଦାକିନୀ ସାହୁ ଟ୍ରାଫିକ ଥାନାରେ ଅଭିଯୋଗ କରିଥିଲେ।

### ଟ୍ରକ୍ ଦୁର୍ଘଟଣାରେ ଜଣେ ମୃତ

ବ୍ରହ୍ମପୁର ଅଫିସ,୭।୬: ଜାତୀୟ ରାଜପଥ -୧୬ ରେ ଚିହ୍ନଟ ହୋଇଥିବା ବ୍ଲାକସ୍ପଟ ଲାଞ୍ଜିପଲ୍ଲୀ ବାଇପାସ୍‌ରେ ହୋଇଥିବା ଏକ ଦୁର୍ଘଟଣାରେ ଜଣେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିରୁମା ରେଡ୍ଡୀ ନାଗେଶ (୩୫)। ତାଙ୍କ ଘର ଆନ୍ଧ୍ରପ୍ରଦେଶ ବିଜୟାନଗରମ୍ ଜିଲା ସାଲୁର ଥାନା ଅନ୍ତର୍ଗତ ବାଙ୍ଗାରାମ କଲୋନୀ ବୋଲି ପୋଲିସ ସ୍ପଷ୍ଟ କରିଛି। ମୃତଦେହ ଜବତ କରି ନଂ.୨୦/୨୨ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଲାଞ୍ଜିପଲ୍ଲୀ ବାଇପାସ୍ ଜାତୀୟ ରାଜପଥ ସ୍ଥିତ ବାବାଜୀ ଢ଼ାବା ସମ୍ମୁଖରେ ମଙ୍ଗଳବାର ବଡ଼ି ଭୋର ୩ ଗୋଟି ଟ୍ରକ୍ ପଛକୁ ପଛ ଧକ୍କା ହୋଇଛି। ଜଗନ୍ନାଥପୁର ଛକରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଏକ ଟ୍ରକ (ନଂ ଏପି୩୧ଟି ଡବ୍ଲ୍ୟୁ୯୫୨୯) ଯାଉଥିଲା। ଉକ୍ତ ଟ୍ରକ ପଛପଟୁ ଆସୁଥିବା ଅନ୍ୟ ଏକ ଟ୍ରକ (ନଂ ଏପି ୩୯ - ଟିସି ୨୯୯୯) ତାକୁ ଧକ୍କା ଦେଇଥିଲା। ଫଳରେ ଧକ୍କା ଖାଇଥିବା ଟ୍ରକଟି ଆଗରେ ଯାଉଥିବା ଏକ ଟ୍ରକରେ ବାଡେଇ ହୋଇଯାଇଥିଲା। ଫଳରେ ଏପି ୩୧ ଟିଡବ୍ଲ୍ୟୁ ୯୫୨୯ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବ୍ରହ୍ମପୁର ଟ୍ରାଫିକ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଦୁଇଟିକୁ ଜବତ କରି ଘଟଣାର ତଦନ୍ତ କରୁଥିବା କହିଛି।

### କଣ୍ଟେନରରେ ପିଟି ହେଲା ବାଇକ୍, ଜଣେ ମୃତ

ଛତ୍ରପୁର,୭।୬(ଡି.ଏନ.ଏ): ଛତ୍ରପୁର ଡିଆରଡିଏ ଛକ ନିକଟ ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ଥିବା ଏକ କଣ୍ଟେନର ପଛରେ ଏକ ବାଇକ୍ ପିଟି ହୋଇଛି। ଏଥିରେ ଅଗସ୍ତିନୁଆଗାଁ ପଞ୍ଚାୟତ ସାନ ନୋଲିଆନୁଆଗାଁର ଏନ.କ୍ରିଷ୍ଣାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋପାଳପୁରର ପି.ପୋଲାମା ଗୁରୁତର ଆହତ ହୋଇଛନ୍ତି। କ୍ରିଷ୍ଣା ତାଙ୍କ ବାଇକ୍‌ରେ ପୋଲାମାଙ୍କୁ ଧରି ଗୋପାଳପୁର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଉଭୟ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛତ୍ରପୁର ହସ୍ପିଟାଲକୁ ନେଇଥିଲେ। ସେଠାରେ କ୍ରିଷ୍ଣାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲାମାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି।

# ଗୋପାଳପୁର ବିଜେଡି ରାଜନୀତି ନେଇ ଦ୍ୱନ୍ଦ୍ୱରେ କର୍ମୀ

- ନିର୍ବାଚନ ମଣ୍ଡଳୀକୁ ଆସୁନାହାନ୍ତି ବିଧାୟକ
- ବିନିଯୋଗ ହୋଇନି ଆଞ୍ଚଳିକ ଉନ୍ନୟନ ପାଣ୍ଠି

ବ୍ରହ୍ମପୁର ଅଫିସ,୭।୬

ଗଞ୍ଜାମ ଜିଲା ଗୋପାଳପୁର ବିଜେଡି ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବହିଷ୍କୃତ ହେବାର ଦେଢ଼ ବର୍ଷ ବିତିଛି। ତେଣୁ ସେ ନିର୍ବାଚନ ମଣ୍ଡଳୀକୁ ପାଦ ପକାଉ ନାହାନ୍ତି। ସେଠାର ବିଜେଡି ରାଜନୀତି ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ବୁଝୁଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନ ବେଳେ ମଧ୍ୟ ବିଧାୟକ ଦେଖା ଦେଉନାହାନ୍ତି। ଏହାସହିତ ୨୦୨୦-୨୧ ଏବଂ ୨୧-୨୨ ବର୍ଷର ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ସେ ବିନିଯୋଗ କରିନାହାନ୍ତି। ତେଣୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକର ୩୨, କୁକୁଡ଼ାଖଣ୍ଡି ବ୍ଲକର ୫ ପଞ୍ଚାୟତ ଏବଂ ଗୋପାଳପୁର ସହରାଞ୍ଚଳରେ ବିଧାୟକ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହୋଇନଥିବା ଅନେକ ବିଜେଡି କର୍ମୀ କହିଛନ୍ତି। ଦୁଇ ବର୍ଷର ଟଙ୍କା କୁଆଡ଼େ ଗଲା ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଅପରପକ୍ଷରେ ଗୋପାଳପୁର ବିଜେଡି ରାଜନୀତି ଠିକ୍ ଚାଲିଥିବା କୁହାଯାଇଥିଲେ ମଧ୍ୟ ସେହି ନିର୍ବାଚନ ମଣ୍ଡଳୀରୁ ୨୦୦୯ ରୁ ୨୦୧୯ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରି ପ୍ରଦୀପ ୩ ଥର ନିର୍ବାଚିତ ହୋଇ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। କୌଣସି କାରଣରୁ ଦଳ ତାଙ୍କ ଉପରେ ଆରୋପ ଲଗାଇ ବହିଷ୍କାର କଲେ। ବିଭିନ୍ନ ମାମଲାରେ ଛନ୍ଦି ହୋଇ ଦୀର୍ଘ ମାସ ବିଚାର ବିଭାଗ ହାଜତରେ ରହିଲେ। ଉଚ୍ଚ ନ୍ୟାୟାଳୟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେବାରୁ ସେ ମୁକୁଳିଛନ୍ତି। ହେଲେ ନିଜ ନିର୍ବାଚନ ମଣ୍ଡଳୀକୁ ଆସୁନାହାନ୍ତି। ଲଗାତର ଭାବେ ତୃତୀୟ ଥର ବିଧାୟକ ହୋଇଥିବାରୁ ନିର୍ବାଚନ ମଣ୍ଡଳୀରେ ତାଙ୍କ ଅନୁଗତ କର୍ମୀ ଅଛନ୍ତି। ତେବେ ସେମାନେ ପାଟି ଖୋଲୁନାହାନ୍ତି କି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ପ୍ରଦୀପ ପୁଣି ଦଳକୁ ଫେରିବାର ଆଶା ରଖିଛନ୍ତି।

ରାଜ୍ୟରେ ପୌର ଓ ପଞ୍ଚାୟତ ଏବଂ ବ୍ରଜରାଜନଗର ଉପନିର୍ବାଚନ ସରିଛି। ନବୀନଙ୍କ ଦୃଢ଼ ନେତୃତ୍ୱ ପ୍ରତି ଭୋଟରମାନେ ଆଖି ବୁଜା ସମର୍ଥନ କରିଛନ୍ତି। ଦୁଇଦିନ ତଳେ ମନ୍ତ୍ରୀ ମଣ୍ଡଳ ମଧ୍ୟ ଅଦଳ ବଦଳ ହୋଇଛି। କେତେକଙ୍କୁ ବାଦ ଦେଇ ସେମାନଙ୍କୁ ସଂଗଠନ କାର୍ଯ୍ୟରେ ନିୟୋଜିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ଲାଗି ଏବେଠୁ ବିଜେଡି ସୁପ୍ରିମୋ ରଣନୀତି ଆରମ୍ଭ କରିଦେଇଥିବା ରାଜନୈତିକ ବିଶ୍ଳେଷକ ଆଲୋଚନା କରୁଛନ୍ତି। ଏଭଳି ସ୍ଥିତିରେ ଗୋପାଳପୁର ପାଇଁ କାହାକୁ ଦଳ ସଭାପତି ପ୍ରୋଜେକ୍ଟ କରିବେ ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ରାଜନୈତିକ ସଚିବ ଗୋପବନ୍ଧୁଙ୍କୁ ବିଜେଡି ପ୍ରାର୍ଥୀ କରିପାରେ ବୋଲି ନିର୍ବାଚନ ମଣ୍ଡଳୀରେ କେତେକ ମତ ଦେଇଛନ୍ତି। ତେବେ ଆଉ କେତେକ ମୁଖ୍ୟମନ୍ତ୍ରୀ ସବୁ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଉଥିବାରୁ ଗତ ଲୋକ ସଭା ନିର୍ବାଚନରେ ଆସିକାରୁ ପ୍ରାର୍ଥୀ ହୋଇ ବିପୁଳ ଭୋଟରେ ଏମପି ନିର୍ବାଚିତ ହୋଇଥିବା ପ୍ରମିଳା ବିଶୋୟୀଙ୍କ ଭଳି ଅଚାନକ ଭାବେ ଜଣେ ମହିଳାଙ୍କ ନାଁ ଘୋଷଣା କରିବାର ଚର୍ଚ୍ଚା କରୁଛନ୍ତି। ଗଞ୍ଜାମରୁ ନା ବାହାର ଜିଲାରୁ ମହିଳାଙ୍କୁ ସୁଯୋଗ ମିଳିବ ସେନେଇ କର୍ମୀ ଦ୍ୱନ୍ଦରେ ପଡ଼ିଛନ୍ତି।

# ଜାତୀୟସ୍ତରୀୟ ବକ୍ସିଂରେ ଗଞ୍ଜାମରୁ ୨ ପ୍ରତିଯୋଗୀ

## ତୃତୀୟ ଖେଲୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତା


ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଓ ଅନ୍ୟମାନଙ୍କ ସହ ୨ ବକ୍ସର ଓ ରେଫରି।

ବ୍ରହ୍ମପୁର ଅଫିସ,୭।୬

ହରିଆଣା ପଞ୍ଚକୁଲାଠାରେ ଆସନ୍ତା ୯ ରୁ ୧୬ତାରିଖ ପର୍ଯ୍ୟନ୍ତ ତୃତୀୟ ମହିଳା ଓ ପୁରୁଷ ଯୁବ ଖେଲୋ ଇଣ୍ଡିଆ କ୍ରିଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହେବ। ଏଥିନିମନ୍ତେ ଗଞ୍ଜାମ ଜିଲା କ୍ରୀଡ଼ାସଂଘ ଅଧୀନରେ ଜିଲା ବକ୍ସିଂ ସଂଘ ପକ୍ଷରୁ ଗଞ୍ଜାମର ୨ ପ୍ରତିଯୋଗୀ ଜାତୀୟ ସ୍ତରୀୟ ପ୍ରତିଯୋଗୀତା ନିମନ୍ତେ ମଙ୍ଗଳବାର ହରିଆଣା ଅଭିମୁଖେ ଯାତ୍ରା କରିଛନ୍ତି। ପ୍ରତିଯୋଗୀମାନେ ହେଲେ ପୁରୁଷ ବକ୍ସର ଅନ୍ତର୍ଯ୍ୟାମୀ ବେହେରା ୫୭ରୁ ୬୦ କେଜି ବର୍ଗରେ ପ୍ରତିଯୋଗୀତା କରିବେ ଏବଂ ମହିଳା ବର୍ଗରେ ବୀଣାପାଣି ପାତ୍ର ୭୦ରୁ ୭୫ କେଜି ବର୍ଗରେ ପ୍ରତିଯୋଗୀତା କରିବେ। କ୍ରୀଡ଼ାବିତ୍‌ଙ୍କ ସହ ଜିଲା ବକ୍ସିଂ କୋଚ ତଥା ଜାତୀୟ ସ୍ତରୀୟ ରେଫରୀ ଶିଶିର କୁମାର ପାଣିଗ୍ରାହୀ ଓ ଓଡିଶା ବକ୍ସିଂ ସମ୍ପାଦକ ଅନିଲ ବହିଦାର ପ୍ରତିଯୋଗୀଙ୍କ ସହ ହରିଆଣା ଅଭିମୁଖେ ଯାତ୍ରା କରିଛନ୍ତି। ଉଭୟ ବକ୍ସର କୋଚ ଶିଶିର ପାଣିଗ୍ରାହୀଙ୍କଠାରୁ ନିୟମିତ ଭାବେ ବ୍ରହ୍ମପୁର ଷ୍ଟାଡ଼ିୟମ୍ ନିକଟସ୍ଥ ଏନ୍‌ସିସି ଗ୍ରୁପ ହେଡକ୍ୱାଟର ପଡ଼ିଆଠାରେ ନିୟମିତ ଭାବେ ବକ୍ସିଂ ତାଲିମ ଗ୍ରହଣ କରନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀ ଓ କୋଚଙ୍କୁ ଜିଲା କ୍ରୀଡ଼ାସଂଘ ସମ୍ପାଦକ ଅଶୋକ ସାହୁ, ଜିଲା ବକ୍ସିଂ ସଂଘ ସମ୍ପାଦକ କେ.ପ୍ରଭାକର ରାଓଙ୍କ ସମେତ ସଂଘ ଅନ୍ୟ କର୍ମକର୍ତ୍ତା ଓ ସାଥୀ ଖେଳାଳୀମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ନିଷ୍ଟର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ୍,୭।୬



ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ କାର୍ଯ୍ୟକ୍ରମ।

ନିଷ୍ଟର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ.ପ୍ରିୟଦର୍ଶୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଷ୍ଟ ଚେୟାରମ୍ୟାନ ଡ. ସୁକାନ୍ତ କିଶୋର ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଆରିଜୋନା ବିଶ୍ୱବିଦ୍ୟାଳୟ (ଆମେରିକା)ର ଆସୋସିଏଟ ଡିନ୍ ଡ.ପୁଣ୍ୟ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଦୁଇ ମାସ ବ୍ୟାପୀ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟକ୍ରମରେ ୨୦ ଅଧିବେଶନ ରହିବ। ଏଥିରେ ପଞ୍ଜୀକରଣ କରିଥିବା ସ୍କୁଲ ଶିକ୍ଷକମାନେ ସପ୍ତାହାନ୍ତରେ ପ୍ରଶିକ୍ଷଣ ନେବେ। ଶିକ୍ଷକମାନେ ଦୈନନ୍ଦିନ ଶିକ୍ଷାଦାନ ସହଜ ଉପାୟରେ କିପରି ଆଇସିଟି (ଇନ୍‌ଫରମେଶନ କମ୍ପ୍ୟୁଟର ଟେକ୍ନୋଲୋଜି) ପ୍ରଯୁକ୍ତିବିଦ୍ୟା ସମାହାର ଦ୍ୱାରା ଅଧିକ ପ୍ରଭାବୀ ଓ ଚିତ୍ତାକର୍ଷକ କରିପାରିବେ ତଥା ନୂତନ ପିଢ଼ିର ବିଭିନ୍ନ ବିଷୟବସ୍ତୁ ଯଥା ଆଇଓଟି, ରୋବଟିକ୍ସ, ଭର୍ଚୁଆଲ ରିଆଲିଟି ଉପରେ କିପରି ପ୍ରକଳ୍ପ ପ୍ରସ୍ତୁତ କରିପାରିବେ ସେ ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରଶିକ୍ଷଣରେ ପାଠ୍ୟ ଖସଡ଼ା ପ୍ରସ୍ତୁତିରେ ଉପଦେଷ୍ଟା ଭାବେ ଡ.ପୁଣ୍ୟ ମିଶ୍ର ରହିଛନ୍ତି। ଡ. ସୁଶାନ୍ତ କୁମାର ସାହୁ ସଂଯୋଜକ ଅଛନ୍ତି। ପାଠ୍ୟ ଉପାଦାନ ପ୍ରସ୍ତୁତିରେ ନିଷ୍ଟର ଶିକ୍ଷକ ମଣ୍ଡଳୀ ତଥା ନିଷ୍ଟ ଷ୍ଟାର୍ଟ-ଅପ୍ ପ୍ରୋଟିଓନିକ୍ସ ଓ ଇନ୍‌ଭିଗରର ସଦସ୍ୟମାନେ ଜଡ଼ିତ ଅଛନ୍ତି। ଯେଉଁ ଶିକ୍ଷକମାନେ ଏଥିରେ ଭାଗ ନେବାକୁ ଇଚ୍ଛୁକ, ସେମାନେ https://shorturl.at/tvNSZରେ ୧୧ ଜୁନ୍ ମଧ୍ୟରେ ପଞ୍ଜୀକରଣ କରିପାରିବେ ବୋଲି ନିଷ୍ଟ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ଡ.ଆକାଂକ୍ଷା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଡ.ଅଶ୍ୱିନୀ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୃଥକ ତିନି ମାମଲାରେ ୬ ଗିରଫ:ଖଣ୍ଡା, ଠେଙ୍ଗା ଜବତ

ବ୍ରହ୍ମପୁର ଅଫିସ,୭।୬

ବ୍ରହ୍ମପୁର ବଡବଜାର ଥାନା ପୋଲିସ ମଙ୍ଗଳବାର ପୃଥକ ପୃଥକ ୩ ମାମଲାରେ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଖଣ୍ଡା, ଠେଙ୍ଗା ଓ ବ୍ଲେଡ୍ ଜବତ କରିଛି। ପ୍ରକାଶ ଯେ, ଗତ ୨ ତାରିଖରେ କନ୍ୟାଯାତ୍ରୀ ଭୋଜିଘରେ ହୋଇଥିବା ଗଣ୍ଡଗୋଳରେ ଗୋଲନ୍ଥରା ଥାନା ଅନ୍ତର୍ଗତ ଟାମଣାର ଟୁକୁନା ମଲିକଙ୍କୁ ଆକ୍ରମଣ ହୋଇଥିଲା। ୧୩୨/୨୨ ରେ ପୋଲିସ ଜଗବନ୍ଧୁ ସାହିର ସଞ୍ଜୟ ବିଷୋୟୀ(୨୦), କୁଶ ସେଠୀ(୩୨)ଓ ଦୀପକ ବେହେରାଙ୍କୁ ଗିରଫ କରିଛି। ସେହିପରି ଗତ ୪ ତାରିଖରେ ହୋଇଥିବା ଏକ ଆକ୍ରମଣ ମାମଲା ୧୩୩/୨୨ରେ ପୋଲିସ ପିଣ୍ଟୁ ସେଠୀଙ୍କୁ ଗିରଫ କରିଛି। ସେହିପରି ଗତ ୪ ତାରିଖରେ ଗଣେଶନଗରରେ ରହୁଥିବା ପ୍ରତିମା ମୂଳିଙ୍କ ଘରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ନମ୍ବର ୧୩୪/୨୨ରେ ପ୍ରହ୍ଲାଦନଗରର ସମୀର ଜେନା (୨୧)ଓ ଆଇନାବନ୍ଧ ସାହିର ଜିତୁ ଗୌଡ଼ (୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ଉପରୋକ୍ତ ମାମଲା ଗୁଡିକର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ବିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧନା


ଅତିଥିଙ୍କ ଦ୍ୱାରା ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧନା।

ବ୍ରହ୍ମପୁର ଅଫିସ,୭।୬

କୋଭିଡ୍ ମହାମାରୀ ସମୟରେ ବ୍ରହ୍ମପୁର ସହରରେ ରହିଥିବା ବହୁ ବ୍ୟବସାୟୀଙ୍କ ପକ୍ଷରୁ କରାଯାଇଥିବା ପ୍ରଶଂସନୀୟ କାର୍ଯ୍ୟ ପାଇଁ ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ ବିଏମ୍‌ସିର ନୂତନ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ, ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗ ଦେଇଥିଲେ। କୋଭିଡ୍ ମହାମାରୀ ସମୟରେ ନୋବେଲ କଜ ସଂଘ ନାମରେ ସହରର ବହୁ ବ୍ୟବସାୟୀ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏପରିକି ବ୍ୟବସାୟୀଙ୍କ ପକ୍ଷରୁ ସିଟି ହସ୍ପିଟାଲଠାରେ ଅକ୍ସିଜେନ ବଟଲିଂ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୬୦ ଲକ୍ଷର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଫଳରେ ଜିଲା ପ୍ରଶାସନର ସହଯୋଗ କ୍ରମେ ସିଟି ହସ୍ପିଟାଲରେ ଏହି ବଟଲିଂ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଥିଲା। ଯାହାକୁ ନେଇ ଜିଲାପାଳ ବ୍ୟବସାୟୀଙ୍କୁ ସାଧୁବାଦ ଜଣାଇଥିଲେ। ଅନ୍ୟପଟେ କୋଭିଡ ସମୟରେ ଗଞ୍ଜାମ ଜିଲାରେ ଅକ୍ସିଜେନର କୌଣସି ଅଭାବ ପରିଲକ୍ଷିତ ହୋଇ ନ ଥିବା ଜିଲାପାଳ କହିଥିଲେ। ବ୍ରହ୍ମପୁର କୋଭିଡ୍ ସମୟରେ ବ୍ୟବସାୟୀଙ୍କୁ ଏଭଳି ସହଯୋଗକୁ ଧନ୍ୟବାଦ ଜଣାଇଥିଲେ। ବ୍ରହ୍ମପୁର ଏମ୍‌ପି କହିଥିଲେ, କୋଭିଡ୍ ସମୟରେ ଗଞ୍ଜାମ ଜିଲାରେ ଅକ୍ସିଜେନ ଅଭାବ ହୋଇ ନ ଥିବା ବେଳେ ଆମ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଅକ୍ସିଜେନ ସିଲିଣ୍ଡର ପଠାଯାଇଥିଲା। ଏଥି ପାଇଁ ଓଡ଼ିଶା ବିରଳ ଉଦାହରଣ ସୃଷ୍ଟି କରିଥିଲା। ଶେଷରେ ଅତିଥିଙ୍କ ଦ୍ୱାରା ବ୍ୟବସାୟୀଙ୍କୁ ମାନ ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ଅଶୋକ ଲୋହିୟା, ସମ୍ପାଦକ ବିଷ୍ଣୁ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅବଦୁଲ ସତ୍ତାର, ରାଜେଶ ସାହୁ, ପି.କେ.ରାଜୀବ, ମିହିର ପାଣିଗ୍ରାହୀ ଓ ବିରଜା ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମସିହାଖାଲିରେ ପୂର୍ବତନ ସରପଞ୍ଚଙ୍କୁ ହାଣିଲେ

ବ୍ରହ୍ମପୁର ଅଫିସ,୭।୬

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମସିହାଖାଲି ଗ୍ରାମରେ ପୂର୍ବତନ ସରପଞ୍ଚଙ୍କୁ ସଂଘବଦ୍ଧ ଭାବେ ଘାତକ ଆକ୍ରମଣ ହୋଇଛି। ଶାସକ ଦଳର ସମର୍ଥକମାନେ ପୂର୍ବତନ ସରପଞ୍ଚ ମନୋଜ କୁମାର ସେଠୀ (୩୭)ଙ୍କୁ ସୋମବାର ବିଳମ୍ବିତ ରାତିରେ ଗୋଡାଇ ଗୋଡାଇ ହାଣିଛନ୍ତି। ଘଟଣା ପରେ ଏହାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଜିଲାରେ ଗତ ପଞ୍ଚାୟତ ନିର୍ବାଚନଠାରୁ ପ୍ରାକ୍ ଓ ପରବର୍ତ୍ତୀ ନିର୍ବାଚନୀ ହିଂସା ଥମିବାର ନାଁ ନେଉନାହିଁ। ଜିଲାରେ ଏହାକୁ କେନ୍ଦ୍ରକରି ଏବେ ବି ଅଶାନ୍ତି ଲାଗିରହିଛି। ସେହିପରି ଜିଲାରେ ବିଗତ ଦିନରେ ନିର୍ବାଚନ ପରବର୍ତ୍ତୀ ହିଂସାରେ ଅନେକ ଲୋକଙ୍କ ମୁଣ୍ଡ ଗଡିଥିବା ନଜିର ରହିଛି।

ମସିହାଖାଲି ଗାଁରେ ଶାସକ ଦଳ ସମର୍ଥକ ଓ ବିରୋଧୀ ଦଳର ପୂର୍ବତନ ସରପଞ୍ଚ ମନୋଜଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାଚନକୁ ନେଇ ଶତ୍ରୁତା ଲାଗି ରହିଥିଲା। ସୋମବାର ଗ୍ରାମରେ ଯାତ୍ରା ଚାଲିଥିବା ବେଳେ ସେଠାରେ ସଦର ପୋଲିସ ମୁତୟନ ହୋଇଥିଲେ। ହେଲେ ରାତି ପ୍ରାୟ ୧୨ଟା ପରେ ପୋଲିସ ଗାଁରୁ ଚାଲି ଯିବାରୁ ଏହି କାଣ୍ଡ ଘଟିଥିବା ସ୍ଥାନୀୟ ଲୋକ କହିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଏହାକୁ ନେଇ ଲାଗି ରହିଥିବା ଉତ୍ତେଜନାକୁ ପ୍ରତିହତ କରିବା ପାଇଁ ସେଠାରେ ଏବେ ଡେରା ପକାଇଛି। ମନୋଜଙ୍କ ମୁଣ୍ଡରେ ୩ଟି ଖଣ୍ଡା ଚୋଟ ଲାଗିଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ମଧ୍ୟ ଦୁର୍ବୃତ୍ତମାନେ ଖଣ୍ଡାରେ ଆକ୍ରମଣ କରିଛନ୍ତି। ମନୋଜଙ୍କୁ ପ୍ରଥମେ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଗୁରୁତର ହୋଇପଡିବା ପରେ ତାଙ୍କୁ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେଠାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ତାଙ୍କ ବଡ ଭାଇ ହେମନ୍ତ କହିଛନ୍ତି।

ପ୍ରକାଶ ଯେ, ମନୋଜ ମସିହାଖାଲି ପଞ୍ଚାୟତ ସରପଞ୍ଚ ଥିଲେ। ବର୍ତ୍ତମାନ ଉକ୍ତ ପଞ୍ଚାୟତର ସରପଞ୍ଚ ଭାବେ ଶାସକ ଦଳର ଜଣେ ବ୍ୟକ୍ତି ରହିଛନ୍ତି। ଉଭୟଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତା ଲାଗି ରହିଥିଲା। ସୋମବାର ବିଳମ୍ବିତ ରାତ୍ରିରେ ମନୋଜ ଯାତ୍ରା ସ୍ଥଳରୁ ଏକାକୀ ଘରକୁ ଫେରୁଥିବା ବେଳେ ଶାସକ ଦଳର ସମର୍ଥକମାନେ ତାଙ୍କୁ ସଂଘବଦ୍ଧ ଭାବେ ଖଣ୍ଡା ଓ କାତିରେ ଆକ୍ରମଣ କରିଥିଲେ। ମଙ୍ଗଳବାର ଆହତଙ୍କ ଭାଇ ହେମନ୍ତ ସଦର ଥାନାରେ ଅଭିଯୋଗ କରିଛନ୍ତି, ବର୍ତ୍ତମାନର ସରପଞ୍ଚ ଓ ତାଙ୍କ ସମର୍ଥକମାନେ ମୋ ଭାଇ ମନୋଜଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ନଂ.୨୩୬/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି।

## ଆଜିଠାରୁ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବ୍ରହ୍ମପୁର ଅଫିସ,୭।୬

ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲାସ୍ତରୀୟ ଫୁଟ ବଲ ଟୁର୍ନାମେଣ୍ଟ ବୁଧବାର ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ ପଡ଼ିଆଠାରେ ଉଦ୍‌ଘାଟିତ ହେବ। ଜୁନ ୮ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଦୁଇଟି ଗ୍ରୁପରେ ନିୟମିତ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ଜିଲାର ବ୍ରହ୍ମପୁର, ଦିଗପହଣ୍ଡି, ଗୋପାଳପୁର ଓ ଛତ୍ରପୁର ଅଞ୍ଚଳର ୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଲିଗ ମ୍ୟାଚର ଟିମ୍-ଏରେ ୫ ଓ ଟିମ୍ ବି-୪ ଗ୍ରୁପ ଥିବା ନେଇ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସମ୍ପାଦକ ଅଶୋକ ସାହୁଙ୍କଠାରୁ ପ୍ରକାଶ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

## ନାବାଳିକା ଅସଦାଚରଣ ମାମଲା

ବ୍ରହ୍ମପୁର ଅଫିସ,୭।୬

ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ଜଜ୍ ଗୁରୁପ୍ରସାଦ ସାହୁ ଜନୈକା ନାବାଳିକା ଛାତ୍ରୀଙ୍କୁ ହୋଇଥିବା ଅସଦାଚରଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଭଞ୍ଜନଗରର ଗୁଲାମ ମହମ୍ମଦ (୪୯)। ପ୍ରକାଶ ଯେ, ଜଣେ ୧୦ମ ଶ୍ରେଣୀର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ରହୁଥିଲା। ଡାକ୍ତରୀ ଚିକିତ୍ସା ପରେ ବି ତାଙ୍କ ସ୍ୱାସ୍ଥ୍ୟ ଭଲ ହେଉ ନ ଥିଲା। ଝିଅଙ୍କୁ କେହି ଗୁଣି ଗାରେଡି କରିଥିବା ଘର ଲୋକ ସନ୍ଦେହ କରିଥିଲେ। ଏଣୁ ଛାତ୍ରୀଙ୍କୁ ନେଇ ପରିବାର ଲୋକ ଭଞ୍ଜନଗରରେ ରହୁଥିବା ତାନ୍ତ୍ରିକ ବାବା ଗୁଲାମ ମହମ୍ମଦଙ୍କ ନିକଟକୁ ଯିବା ପାଇଁ ସ୍ଥିର କରିଥିଲେ। ୨୦୧୬ ଜୁଲାଇ ୧୯ରେ ଜନୈକା ନାବାଳିକାଙ୍କୁ ନେଇ ଘର ଲୋକ ଭଞ୍ଜନଗରରେ ରହୁଥିବା ବାବାଙ୍କ ନିକଟରେ ପହଞ୍ଚିଥିଲେ। ଉକ୍ତ ତାନ୍ତ୍ରିକ ବାବା ଜଣକ ନାବାଳିକାଙ୍କୁ ଏକାକୀ ଏକ କୋଠରିରେ ରହିବାକୁ କହିଥିଲେ। ସେଠାରେ ସେ ନାବାଳିକାଙ୍କୁ ଭଲ କରିବା ବାହାନାରେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ପୀଡ଼ିତା ଜଣଙ୍କ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ନଂ.୨୪୮/ ୧୬ରେ ଏକ ମାମଲା ରୁଜୁ କରିଥିଲା। ପରେ ତାନ୍ତ୍ରିକ ବାବା ଗୁଲାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନା ଏସ୍‌ଆଇ ଏସ୍.ଏସ୍. ଲୁଗୁନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ଗୁଲାମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଜଜ୍ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସୟଦ ଇକ୍‌ବାଲ ମକଦ୍ଦମା ପରିଚାଳନା କରିଥିଲେ।

# ଝୁଲୁଛି ତାଲା, ବାସ କଲେଣି ବିଷାକ୍ତ ସରୀସୃପ

ବ୍ରହ୍ମପୁର ଅଫିସ,୭।୬

## ପରିତ୍ୟକ୍ତ ମହିଳା କମ୍ୟୁନିଟି ହଲ୍


ପରିତ୍ୟକ୍ତ ହୋଇ ପଡିଥିବା ମହିଳା କମ୍ୟୁନିଟି ହଲ୍।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଏଥିସହ ଗତ ବଜେଟ ଅଧିବେଶନରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ୨୦୨୨-୨୩ ବଜେଟ ମଧ୍ୟ ଆଗତ ହୋଇଛି। ଯେଉଁଥିରେ ରାସ୍ତା, ଡ୍ରେନ୍ ସାଙ୍ଗକୁ ୱାର୍ଡ ଗୁଡିକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବଜେଟରେ ଉପସ୍ଥାପନ କରାଯାଇଛି। ତେବେ ବିଗତ ଦିନରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡିକ ମଧ୍ୟରେ କମ୍ୟୁନିଟି ହଲଗୁଡିକ ଅବ୍ୟବହୃତ ଭାବରେ ପଡି ରହିଛି। ଏଭଳି ଭାବେ ବ୍ରହ୍ମପୁର ମହାନଗର ନିଗମ ୧୨ ନଂ. ୱାର୍ଡ ଅନ୍ତର୍ଗତ ଲକ୍ଷ୍ମଣ ନଗରଠାରେ ଏକ ମହିଳା କମ୍ୟୁନିଟି ହଲ ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ଯାହାକି ଆଜକୁ ୨ ବର୍ଷ ଧରି କୌଣସି କାର୍ଯ୍ୟରେ ଲାଗୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ଡମ୍ପିଂୟାର୍ଡରେ ପରିଣତ ହୋଇଛି। ସୂଚନାଯୋଗ୍ୟ, ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଗତ ୨ ବର୍ଷ ତଳେ ଏହି କମ୍ୟୁନିଟି ହଲ ନିର୍ମାଣ କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ କରାଯାଇଥିଲା। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ନିର୍ମାଣ ହେବା ପରେ ପରେ ଏହା ବ୍ୟବହାର ହେବା ପ୍ରତି ବଦଳରେ ତାଲା ଝୁଲି ରହିବା ଦେଖିବାକୁ ମିଳିଥିଲା।

ଯେଉଁ ଉଦ୍ଦେଶ୍ୟ ରଖି କୋଠାଟି ନିର୍ମାଣ କରାଗଲା ତାହା ପୂରଣ ହୋଇପାରିଲା ନାହିଁ। ଫଳରେ ସମୟ କ୍ରମେ ଏହା ପରିସର ମଧ୍ୟରେ ଅଳିଆ ଆବର୍ଜନା ପଡି ରହିବା ସାଙ୍ଗକୁ ପୂତିଗନ୍ଧ ପରିବେଶ ସୃଷ୍ଟି ହେଲା। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଏହାକୁ ବ୍ୟବହାର ନିମନ୍ତେ ଦାବି କରାଗଲା କିନ୍ତୁ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କୋଠା ପରିସରରେ ବିଷାକ୍ତ ସରୀସୃପଙ୍କ ବାସସ୍ଥଳୀ ପାଲଟିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। କୋଠାଟି କୌଣସି ବ୍ୟବହୃତ ନ ହେବାରୁ ସଞ୍ଜ ନଇଁଲେ ଅସାମାଜିକ ତତ୍ତ୍ୱଙ୍କ ଆଡ୍‌ଡାସ୍ଥଳୀ ପାଲଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛି। ଏପରିକି ଏହାର ମୁଖ୍ୟ ଫାଟକରୁ ଗେଟ ମଧ୍ୟ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ସାହି ବାସିନ୍ଦାଙ୍କ ପକ୍ଷରୁ ବିଏମ୍‌ସି ନିକଟରେ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। କମ୍ୟୁନିଟି ହଲଟିକୁ ବ୍ୟବହାର କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଉକ୍ତ ୱାର୍ଡର ଜୁନିୟର ଇଞ୍ଜିନିୟର ଶୁଭଶ୍ରୀ ସାହୁଙ୍କୁ ମୋବାଇଲ ନଂ- ୯୪୩୯୦୨୭୫୭୬ରେ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

